# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୧୧/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, February 11/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 79 | ମୂଲ୍ୟ ₹୭/-



୮

## Outstanding Results
## JEE (MAIN) 2023
### Session-1

**100** Percentile Overall



**Dhruv Sanjay Jain** — 4 Year Classroom

**Aakash + BYJU'S**

**43** 100 Percentilers (Physics or Chemistry or Maths)

**625** 99+ Percentilers

**2606** 95+ Percentilers

(Including Classroom + Distance & Digital) & Counting

Scan the code to check all the results & watch the stories of toppers

## Subject-wise 100 Percentilers from Classroom Programs

- Kamyak Channa — 100 Percentile in Maths, 99.99 Percentile — 4 Year Classroom
- Aakarsh D Reja — 100 Percentile in Chemistry, 99.99 Percentile — 4 Year Classroom
- Mozeel Vanwani — 100 Percentile in Physics, 99.99 Percentile — 1 Year Classroom
- Tanishq Mandhane — 100 Percentile in Maths, 99.99 Percentile — 4 Year Classroom
- Shivanshu Kumar — 100 Percentile in Physics, 99.99 Percentile — 4 Year Classroom
- Adit Jindal — 100 Percentile in Physics, 99.99 Percentile — 4 Year Classroom
- Anoop Singh — 100 Percentile in Physics, 99.98 Percentile — 4 Year Classroom
- Shreyansh Solanki — 100 Percentile in Physics, 99.98 Percentile — 2 Year Classroom
- Shiv Narang — 100 Percentile in Physics, 99.98 Percentile — 4 Year Classroom
- Md Sahil Akhtar — 100 Percentile in Maths, 99.98 Percentile — 4 Year Classroom
- Raktim Kundu — 100 Percentile in Physics, 99.98 Percentile — 2 Year Classroom
- Siddharth Miglani — 100 Percentile in Physics, 99.95 Percentile — 2 Year Classroom
- Hardik Goyal — 100 Percentile in Physics, 99.95 Percentile — 2 Year Classroom
- Utkarsh Gupta — 100 Percentile in Physics, 99.95 Percentile — 2 Year Classroom
- Gaurang Gupta — 100 Percentile in Physics, 99.94 Percentile — 3 Year Classroom
- Hardik Kumar — 100 Percentile in Physics, 99.94 Percentile — 1 Year Classroom
- Dweep Joshipura — 100 Percentile in Physics, 99.91 Percentile — 2 Year Classroom
- Akshat Jiwrajka — 100 Percentile in Physics, 99.89 Percentile — 2 Year Classroom
- Rishit Saini — 100 Percentile in Physics, 99.86 Percentile — 2 Year Classroom
- Parth Prajapati — 100 Percentile in Physics, 99.83 Percentile — 4 Year Classroom

and many more...

## Our Top Performers from Odisha Branches

- Priyanka Sar — 99.94 Percentile — 2 Year Classroom
- Aliv Sahoo — 99.94 Percentile — 2 Year Classroom
- Priyanshu Panda — 99.92 Percentile — 2 Year Classroom
- Sanket Das — 99.91 Percentile — 3 Year Classroom
- Priyanshu S — 99.90 Percentile — 2 Year Classroom
- Pratyush Kumar S — 99.89 Percentile — 2 Year Classroom
- Debashis Patanaik — 99.89 Percentile — 2 Year Classroom
- Snehil Sanjog — 99.83 Percentile — 2 Year Classroom
- Sanket Rout — 99.80 Percentile — 3 Year Classroom
- Samasthita Ghosh — 99.74 Percentile — 2 Year Classroom
- Rounak Mishra — 99.68 Percentile — 4 Year Classroom
- Varun Mishra — 99.66 Percentile — 1 Year Classroom
- Prajjwal Acharya — 99.57 Percentile — 2 Year Classroom
- Suprajeet Suman — 99.52 Percentile — 3 Year Classroom
- Saswat Padhy — 99.27 Percentile — 2 Year Classroom
- Raghunath patra — 99.23 Percentile — 1 Year Classroom
- Rishit Dutta — 99.21 Percentile — 1 Year Classroom
- Armaan Pratik P — 99.11 Percentile — 2 Year Classroom
- Toyaz Kavi — 99.09 Percentile — 3 Year Classroom

and many more top performers from branches in Odisha.

Though every care has been taken to publish the result correctly, yet Aakash Educational Services Ltd. shall not be responsible for inadvertent error, if any.

## Total Preparation for the Students of Odisha - Admissions Open

**NEET | JEE | Foundation (Class 8-10)**

Get up to **90% Scholarship***
Appear for Instant Admission & Scholarship Test. Register now for FREE visit: **iacst.aakash.ac.in** or scan the code

*Terms & Conditions apply.

**Crash Courses for NEET / JEE 2023**

**Batch Start:** 15th March, 2023

- Complete coverage of syllabus
- Tests, Study Material & more

Scan the code to apply

## Committed to the success of students in Odisha for 18+ years

**6 Branches in Odisha**

**BHUBANESWAR**
**(Bhouma Nagar):** 7008005000, 9337870700, 9337355775, 6372800243, 9078884986, 6372800244
**(Chandrasekharpur):** 7008005000, 90788 84990, 90788 84982, 7008000100
**Cuttack:** 7008005000, 9337355773, 9078891914
**Balasore:** 7008005000, 9311734469
**Berhampur:** 7008005000, 9337355235, 9348588695
**Sambalpur:** 7008005000, 9289821015, 9337355234
**Information Centre: Rourkela:** 9337355752

Scan code to locate the nearest centre

Download **Aakash App** — GET IT ON Google Play | Download on the App Store

CALL (TOLL-FREE) **1800-102-2727**

VISIT **aakash.ac.in**

Aakash BYJU'S

## ଚୋରି ଘଟଣାରେ ୪ କୋର୍ଟ ଚାଲାଣ

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ରେଡ ପ୍ରୋଜେକ୍ଟଠାରୁ ଲୁହା ଚୋରି ଘଟଣାରେ ଶୁକ୍ରବାର ନର୍ଲା ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ ଗତ କିଛି ମାସ ତଳେ ନର୍ଲା ଥାନା ଅନ୍ତର୍ଗତ ରେଡ ପ୍ରୋଜେକ୍ଟଠାରୁ ବିଳମ୍ବିତ ରାତିରେ ଲୁହା ସାମଗ୍ରୀ ଚୋରି ହୋଇଥିଲା। ଏ ନେଇ ଦାୟିତ୍ୱରେ ଥିବା କର୍ମଚାରୀ ଗତ ୧୨।୧୦।୨୨ ତାରିଖରେ ଥାନରେ ଅଭିଯୋଗ କରିଥିଲେ।

# ଚାନ୍ଦେଲ ପାହାଡ଼ର ସୁରକ୍ଷା ଦେଉଛନ୍ତି ପଚମନୀ ମାଝି

ନୂଆପଡ଼ା ଅଫିସ,୧୦।୨

ନୂଆପଡା ଓ ବଲାଙ୍ଗୀର ଜିଲା ସୀମାନ୍ତରେ ରହିଛି ଚାନ୍ଦେଲ ପାହାଡ। ପୂର୍ବରୁ ଏହା ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ରହିଥିଲା। ଶାଳ, ପିଆଶାଳ, ଶାଗୁଆନ, ଶିଶୁ, ଧଉରା, ସିହିନା ଭଳି ଗଛ ଓ ଔଷଧୀୟ ବୃକ୍ଷ ସବୁ ରହିଥିଲା। ଏଠାରେ ବାଘ, ଭାଲୁ, ବାର୍ହା, ଶମ୍ବର, ହରିଣ ଭଳି ଅନେକ ଜୀବଜନ୍ତୁ ବାସ କରୁଥିଲେ। ନୂଆପଡା ଓ ବଲାଙ୍ଗୀର ଜିଲାର କାଠମାଫିଆ ଦ୍ୱାରା ଧୀରେ ଧୀରେ ଜଙ୍ଗଲ ନଷ୍ଟ ହୋଇ ଲଣ୍ଡା ପାହାଡରେ ପରିଣତ ହୋଇଗଲା। ଜଙ୍ଗଲ ଲୋପ ପାଇବା ଦ୍ୱାରା ପଶୁପକ୍ଷୀ ଜଙ୍ଗଲ ଛାଡି ଅନ୍ୟତ୍ର ଚାଲି ଗଲେ। ଜଙ୍ଗଲ ଧ୍ୱଂସ ହେବା ଦ୍ୱାରା ସେଠାରେ ବାସ କରୁଥିବା ଆଦିବାସୀଙ୍କୁ ଜଙ୍ଗଲଜାତ ଦ୍ରବ୍ୟ କିମ୍ବା ଘରକରଣା ପାଇଁ ଗଛ ଓ ଜାଳେଣି କାଠ ଅଭାବ ହେବ ଭାବି ଜଙ୍ଗଲ ସୁରକ୍ଷା ଦେବା ପାଇଁ ଅଣ୍ଟା ଭିଡିଲେ ନୂଆପଡ଼ା ଜିଲା କୋମନା ସଦର ପଞ୍ଚାୟତ ଭରୁଆମୁଣ୍ଡା ଗାଁ ବୀରସିଂପଡାର ପଚମନୀ ମାଝି (୫୮)। କୋମନା ବ୍ଲକଠାରୁ ପୂର୍ବକୁ ୫ କି.ମି. ଦୂରରେ ରହିଛି ଚାନ୍ଦେଲ ପାହାଡ (୨)। ଚାନ୍ଦେଲ


ସବୁଜ ସୁନ୍ଦର ଚାନ୍ଦେଲ ପାହାଡ଼।

### ୩୦ ବର୍ଷ ହେଲା ମିଳିନି ସରକାରଙ୍କ ସହାୟତା

ପାହାଡର ଘଞ୍ଚ ଜଙ୍ଗଲ ଭିତରେ ରହିଛି ଭରୁଆମୁଣ୍ଡା ଗ୍ରାମ ଓ ବୀରସିଂପଡା, ମାଝିପଡା, ପହରିଆପଡା। ସେଠାରେ ଆଦିବାସୀ ସମ୍ପ୍ରଦାୟର ଲୋକେ ବାସ କରୁଛନ୍ତି। ବୀରସିଂପଡାର ପଚମନୀ ବୟସକୁ ହାର ନ ମାନି ଗାଁ ଲୋକଙ୍କ ସହାୟତାରେ ଜଙ୍ଗଲ ସୁରକ୍ଷା ପାଇଁ ଆଗେଇ ଆସିଛନ୍ତି। ଦିନେ କିମ୍ବା ଦୁଇ ଦିନ ନୁହେଁ ଆଜକୁ ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଜଙ୍ଗଲକୁ ଆପଣାର ଭାବି ସୁରକ୍ଷା ଦେଉଛନ୍ତି। ଯେଉଁ ଦିନଠାରୁ ସେ ଜଙ୍ଗଲରେ ପାଦ ପକାଇଲେ ଲୋକେ ଡରି ପାଖକୁ ଆସିଲେ ନାହିଁ। କାଠ ମାଫିଆ ଓ ଶିକାରୀମାନଙ୍କ ବଂଶ ବିସ୍ତାର ଲୋପ ପାଇବା ପରେ ଧୀରେ ଧୀରେ ଜଙ୍ଗଲରେ ଅନେକ ପ୍ରକାର ଗଛ ଉଠିଲା। ସବୁଜ ସୁନ୍ଦର ଦିଶିବାରେ ଲାଗିବା ସହିତ ଅନେକ ପଶୁପକ୍ଷୀ ବାସ କରି କିଚିରି ମିଚିରି ଶବ୍ଦରେ ମନ ଭରି ଉଠୁଛି। ପଚମନୀ କାନ୍ଧରେ ଟାଙ୍ଗିଆ ଧରି ସକାଳ ପାହିଲେ ଜଙ୍ଗଲକୁ ବାହାରି ପଡନ୍ତି। ଯେଉଁଠାରେ ଠୁକ୍ ଠାକ ଶବ୍ଦ ହେଲେ ଚିତ୍କାର କରିବା ସହ ସେହି ସ୍ଥାନକୁ ଦୌଡି ଯାଇ ଘଉଡାଇବାରେ ଲାଗି ପଡୁଛନ୍ତି। ବର୍ତ୍ତମାନ ଜଙ୍ଗଲ ସବୁଜ ସୁନ୍ଦର ଦିଶିବା ସହ ଚତୁର୍ଦ୍ଦିଗକୁ ଚାହିଁଲେ ଗଛ ଓ ପଶୁପକ୍ଷୀଙ୍କ ସୁମଧୁର ସ୍ୱରରେ ମନ ଭରି ଯାଉଛି। ବିନା ପାଉଣା କିମ୍ବା ସରକାରଙ୍କ ବିନା ସହାୟତାରେ ଏହି ମହତ୍ତ୍ୱ କାର୍ଯ୍ୟକୁ ଗ୍ରାମବାସୀଙ୍କ ସମେତ ଅଞ୍ଚଳରେ ପ୍ରଶଂସା କରୁଛନ୍ତି।

ରିପୋର୍ଟ: ମକାରୁ ବେମାଲ



"ମୁଁ କୁରେଶ୍ୱର ପଞ୍ଚାୟତ ଖଇରଭାଡି ଗାଁରୁ ବୀରସିଂପଡା ଗାଁର କ୍ଷୀରସାଗର ମାଝିଙ୍କୁ ଯେତେବେଳେ ବିବାହ କଲି ସେହି ସମୟରେ ଜଙ୍ଗଲ ଠିକ ରହିଥିଲା। ଧୀରେ ଧୀରେ ଜଙ୍ଗଲ କ୍ଷୟ ହୋଇ ଲଣ୍ଡା ପାହାଡରେ ପରିଣତ ହୋଇଗଲା। ମୁଁ ଚିନ୍ତା କଲି ଆମେ ଆଦିବାସୀ ଲୋକ ଜଙ୍ଗଲ ଉପରେ ନିର୍ଭର, ଜଙ୍ଗଜାତ ଦ୍ରବ୍ୟରେ ହିଁ ପରିବାର ପ୍ରତିପୋଷଣ କରିଥାଉ। ଜଙ୍ଗଲ ନଷ୍ଟ ହେଲେ ଆମକୁ କିଛି ମିଳିବ ନାହିଁ ଭାବି ଜଙ୍ଗଲକୁ ସୁରକ୍ଷା ଦୋବକୁ ଆରମ୍ଭ କଲି। ଏବେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ପରିବାରର ୬ ପ୍ରାଣୀ ସୁଖରେ ଚଳୁଛୁ।

**ପଚମନୀ ମାଝି**



"ଜନସାଧାରଣ, ବନବିଭାଗ ଓ ପ୍ରଶାସନର ସହଯୋଗ ନ ହେଲେ ଜଙ୍ଗଲ ସୁରକ୍ଷା ଦେବା ସମ୍ଭବ ପର ନୁହେଁ। ଏଠାରେ ପଚମନୀ ମାଝି ଏକା ନୁହନ୍ତି। ଜନସାଧାରଣଙ୍କ ସହଯୋଗରେ ଚାନ୍ଦେଲ ୨ ଜଙ୍ଗଲକୁ ସୁରକ୍ଷା ଦେଇ ଆସୁଛନ୍ତି।

**ସୁଶୀଲ କୁମାର ତ୍ରିପାଠୀ, ବନଖଣ୍ଡ ଅଧିକାରୀ**

## ସଂକ୍ଷେପରେ

### ଗାଧେଇବାକୁ ଯାଇ ପାଣିରେ ବୁଡ଼ିଗଲେ ନାବାଳକ

ଖଡ଼ିଆଳ,୧୦।୨(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଦୁହେଲପଡାରେ ଜଣେ ନାବାଳକ ଗାଧେଇବାକୁ ଯାଇ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ କୁନାଲ କୈବର୍ତ୍ତ (୯) ଗ୍ରାମର କିଛି ସାଙ୍ଗଙ୍କ ସହ ନିକଟସ୍ଥ ପୋଖରୀକୁ ଗାଧେଇବା ପାଇଁ ଯାଇଥିଲେ। ପୋଖରୀରେ ଗାଧେଇବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ସାଙ୍ଗମାନେ ଏହି ଘଟଣା ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଖଡ଼ିଆଳ ପୋଲିସକୁ ଜଣାଇଥିଲେ। ଖଡିଆଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ମୃତଦେହ ଜବତ କରି କେଶ ନମ୍ବର ୩/୨୩ ରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଜିଲାରେ ଆରମ୍ଭ ହେଲା ଫାଲେରିଆ ନିରାକରଣ ଅଭିଯାନ

ନୂଆପଡ଼ା ଅଫିସ,୧୦।୨: ନୂଆପଡା ଜିଲାକୁ ଫେଲେରିଆ ମୁକ୍ତ କରିବା ପାଇଁ ସାର୍ବଜନୀନ ବାତଜର ଔଷଧ ସେବନ କାର୍ଯ୍ୟକ୍ରମ ଶୁକ୍ରବାର ଆରମ୍ଭ କରାଯାଇଛି। ଜିଲାର ୫ଟି ବ୍ଲକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ ଏମଡିଏ ଗ୍ୟାଲେରୀ ଖୋଲାଯାଇ ଲୋକଙ୍କୁ ଚଚେତନ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ସର୍ବ ପ୍ରଥମେ ଜିଲା ଚିକିତ୍ସାଧିକାରୀ ଡା ସୁଧୀର ରଞ୍ଜନ ନାୟକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଚିକିତ୍ସାଳୟ କର୍ମଚାରୀମାନେ ଔଷଧ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଚୌଧୁରୀ ଶୋଭାରାଣି ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପରିଚାଳକ ଦିଲୀପ ଦୁବେ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ମୋଟ ଜନସଂଖ୍ୟା ୭ ଲକ୍ଷ ୩୯ ହଜାର ୧୦ ଜଣ ଥିବାବେଳେ ୬ଲକ୍ଷ ୭୩ ହଜାର ୪୪୧ଜଣଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ ବୋଲି ସୂଚନା ଦିଆଯାଇଛି।

### ନୂତନ ମନ୍ଦିର ନିର୍ମାଣ ପାଇଁ ଆଲୋଚନା

ପଲମ,୧୦।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ଘୋଡାବନ୍ଧ ପଞ୍ଚାୟତସ୍ଥିତ ଯୋଡାବନ୍ଧ ଗ୍ରାମଦେଇ ବୋହି ଯାଉଥିବା ସାନ୍ଦୁଲ ନଦୀ ଉପକଣ୍ଠରେ ପ୍ରାକୃତିକ ପରିବେଷ୍ଟିତ ପ୍ରଶସ୍ତ ଶିଳାଖଣ୍ଡ ଉପରେ ଏକ ଅସ୍ଥାୟୀ ଶିବ ମନ୍ଦିର ରହିଛି। ବର୍ତ୍ତମାନ ଅନେକ ଶୈବ ଭକ୍ତଙ୍କ ଇଚ୍ଛା, ଆର୍ଥିକ ସାହାଯ୍ୟ, ଅକୁଣ୍ଠ ଦାନକୁ ଅନାଦର ନ କରି ଶୈବ ପୀଠ ନିର୍ମାଣ ପାଇଁ କନ୍ଧ ସାଂସ୍କୃତି ଗବେଷକ ମେଦିନିଧର ଜାନୀଙ୍କ ଆହ୍ୱାନକ୍ରମେ ଶିବ ମନ୍ଦିର ନିର୍ମାଣ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ବରିଷ୍ଠ ରାଜନୈତିକ ହଳଦିଆ ସାହୁ ସମାଜର ଜିଲା ସଭାପତି ନିଳମଣି ସାହୁଙ୍କୁ ସଭାପତି ପଦରେ ଅଳଙ୍କୃତ କରାଯାଇ ସଭା କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉମାଶଙ୍କର ପ୍ରଧାନ ଶୈବପୀଠ ନିର୍ମାଣ କରିବେ ବୋଲି ମୁକ୍ତ କଣ୍ଠରେ ପ୍ରକାଶ କରିଥିଲେ। ସାହୁ ମନ୍ଦିର ନର୍ମାଣ କରିବା ପାଇଁ ୫ ଲକ୍ଷ ଟଙ୍କା ଯୋଗାଇ ଦେବା ପ୍ରତିଶ୍ରୁତି ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ଗଡତିଆ ନିଜ ସାମର୍ଥ୍ୟକୁ ନେଇ ଦାନ କରିବେ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୃଷ କେତୁ, ଜଗଦିଶ ଗଡତିଆ, ଦୁର୍ଯ୍ୟୋଧନ ଗଡତିଆ, କ୍ଷମାନିଧି ନାଗ, ହନୁ କୁମାର, ଖଗେଶ୍ୱର କୁମାର, ନୃପରାଜ ଜାନୀ ପରିବେଶକୁ ସରସ ସୁନ୍ଦର କରାଯିବ ବୋଲି ମତ ପ୍ରକାଶ କରିଥିଲେ। ବର୍ତ୍ତମାନ ଏକ ଅସ୍ଥାୟୀ କମିଟି ଗଠନ କରାଯାଇଛି।

### ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁଭଖମ୍ଭ ସ୍ଥାପନ

କୋକସରା,୧୦।୨(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ପଞ୍ଚାୟତ ବଡ଼କେନ୍ଦୁଗୁଡା ଗ୍ରାମରେ ନୂତନ ଭାବେ ନିର୍ମାଣ ତ୍ରୀନାଥ ମହାପ୍ରଭୁଙ୍କ ମନ୍ଦିରର ରତ୍ନମୁଦ ସ୍ଥାପନ ଓ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁକ୍ରବାର ସକାଳେ ଶୁଭଖମ୍ଭ ସ୍ଥାପନ କରାଯାଇଛି। ଆସନ୍ତା ୨୮ ତାରିଖରେ ଅଧିବାସ ଓ ମାର୍ଚ୍ଚ ୧ ତାରିଖରେ ରତ୍ନମୁଦ ସ୍ଥାପନ ସହ ଅଷ୍ଟପ୍ରହର ନାମଯଜ୍ଞ ହେବ। ପୂଜା କର୍ତ୍ତା ଭାବେ ଆଦିତ୍ୟ ପଣ୍ଡା ଓ ଶ୍ୱେତପଦ୍ମା ପଣ୍ଡା ପୂଜାର୍ଚ୍ଚନା କରିଛନ୍ତି। ପୂଜକ ପ୍ରତାପ କିଶୋର ପଣ୍ଡା ପୂଜା କାର୍ଯ୍ୟ ତୁଲାଇଥିଲେ। ସଭାପତି ରଣଜିତ ଖମାରୀ, ସମ୍ପାଦକ ଲଛମନ ଭାଟି, ଲକ୍ଷ୍ମୀ ନାରାୟଣ ପଣ୍ଡା, ବିଜୟ କୁମାର ପଣ୍ଡା, ସୁରେଶ ହଂସ, ଅର୍ଜୁନ ଭାଟି, ଲିଙ୍ଗରାଜ ଭାଟି, ସାଧୁ ବେମାଲ, ପୂର୍ଣ୍ଣଚନ୍ଦ୍ର ଭଇଁସାଲ, ଜଗବନ୍ଧୁ ହଂସ, ବଳସିଂ ଭାଟି, ଗଜିନ୍ଦ୍ର ହଂସ ପ୍ରମୁଖ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସାପ୍ତାହିକ ହାଟରେ ମଢ଼େଇ ଯାତ୍ରା

ନୂଆପଡ଼ା ଅଫିସ,୧୦।୨

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଭୂଲିଆମୁଡା ସାପ୍ତାହିକ ହାଟରେ ପ୍ରାଙ୍ଗଣରେ ମଢ଼େଇ ଯାତ୍ରା ପାଳିତ ହୋଇଯାଇଛି। ଭୂଲିଆମୁଡା ଓ ଦବଡା ଗ୍ରାମର ମିଳିତ କ୍ରିୟାଅନୁଷ୍ଠାନ କମିଟି ଆନୁକୂଲ୍ୟରେ ଆୟୋଜିତ ମଢ଼େଇ ଯାତ୍ରାରେ ଗ୍ରାମର ବିଭିନ୍ନ ଦେବଦେବୀଙ୍କୁ ପୂଜା ଅର୍ଚ୍ଚନା କରିବା ସହ ଏକ ଜନସମ୍ପର୍କ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ମୁଖ୍ୟଅତିଥି, ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ସଭାପତି ମହେନ୍ଦ୍ର ସୁନାନୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାଣ୍ଡେ, ଖଇରପଦର ପଞ୍ଚାୟତ ପୂର୍ବତନ ସରପଞ୍ଚ ଜୟରାମ ମାଝି, ଯୁଗ୍ମସମ୍ପାଦକ ଦୟା ଥପା, ପୁଷ୍ପାଞ୍ଜଳି ଗୁଆଲ, ଗ୍ରାମ ଝାଙ୍କର ଭୁଜବଳ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାପ୍ତାହିକ ହାଟର ମଢ଼େଇ ଯାତ୍ରାରେ ବରୁଆଙ୍କ ଶରୀରରେ କାଳସି ଆସି ହାଟର ଚାରି ପାର୍ଶ୍ୱରେ ଭ୍ରମଣ କରିଥିଲେ। କାଳସି ଆଉସିଲେ ଶରୀରର ରୋଗ ଦୁର ହେବା ସହ ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସାପ୍ତାହିକ ହାଟ କମିଟି ସଭାପତି ଚିନ୍ତାମଣି ମାଝି, ସମ୍ପାଦକ ରମେଶ ମାଝି, ସଦନ ମାଝି, ନୀଳାଚଳ ତାଣ୍ଡି, ଟିକଚନ ଜଗତ, ପୁସ୍ତମ ରଣା, ରିଖିରାମ ରଣା ଓ କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

## ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଖଡ଼ିଆଳ,୧୦।୨(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡା ତରୁଣ କୁମାର ପ୍ରଧାନ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ଯୋଗଦେଇ ଶିକ୍ଷାକୁ ଆହୁରି କିପରି ବିକଶିତ କରିପାରିବା ସେ ଉପରେ କହିଥିଲେ। ବିଶିଷ୍ଟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ଥୁଆମୂଳ ରାମପୁର ମହାବିଦ୍ୟାଳୟ ଅଧକ୍ଷ ସତ୍ୟନାରାୟଣ ମୁଣ୍ଡଛିନ୍ନା, ପରିଚାଳନା କମିଟି ସଭାପତି ବିଶ୍ୱଜିତ ପାଢୀ, ଅଧାପକ ଡା ପଦ୍ମଲୋଚନ ବର୍ମା ମଞ୍ଚାସୀନା ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅଧାପକ ୟାମିନ ଖାନ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ଛାତ୍ରୀଛାତ୍ରମାନଙ୍କ ସହ ମନ୍ତ୍ରୀ ଏବଂ ବିଧାୟକ ମଧ ମିଶି ନାଚିଥିଲେ।

## ଏକଲ ବିଦ୍ୟାଳୟ ଛାତ୍ରଙ୍କ ଅନ୍ତର୍ଜାତୀୟ ଖେଳକୁଦରେ ସଫଳତା

ଖଡ଼ିଆଳ,୧୦।୨(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଠେଲୋକୋଡୁଙ୍ଗୁରୀର ଏକଲ ବିଦ୍ୟାଳୟ ଛାତ୍ର ନିହାର ରଞ୍ଜନ ଗହୀର ଅନ୍ତର୍ଜାତୀୟ ଏକଲ ଖେଳକୁଦରେ ସଫଳତା ପାଇଛନ୍ତି। ଏଥିପାଇଁ ତାଙ୍କୁ ଖଡ଼ିଆଳ ବିବେକାନନ୍ଦ ସେବା ସମିତି ସାଂସ୍କୃତି ଭବନଠାରେ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉତ୍ସବରେ ପ୍ରାନ୍ତ ସମ୍ପର୍କ ପ୍ରମୁଖ ପୁସ୍ତମ ସୁନାନୀ, ଜିଲା ମୁଖ୍ୟ ମାର୍ଗ ପ୍ରମୁଖ ଦନାର୍ଦନ ପାତ୍ର, ଜିଲା ଧର୍ମ ଜାଗରଣ ପ୍ରମୁଖ ସୁରେଶ ହଟୱାର, ଖଡ଼ିଆଳ ସମ୍ପାଦକ ବିନୋଦ ବିହାରୀ ପାଢ଼ୀ, ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଅକିଞ୍ଚନ ବାରିକ ଯୋଗଦେଇଥିଲେ। ଲକ୍ଷ୍ନୌଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଖେଳକୁଦରେ ୧୦୦ ମିଟର ଦୌଡ଼ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୫୦ ମିଟର ଦୌଡ଼ରେ ୨ୟ ସ୍ଥାନ ଅଧିକାର କରି ଖଡ଼ିଆଳ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।



ଛାତ୍ର ନିହାର ରଞ୍ଜନ ଗହୀରଙ୍କୁ ଶୋଭାଯାତ୍ରାରେ ସ୍ୱାଗତ କରାଯାଉଛି।

## ମା' ବସ୍ତ୍ରେନ ମାଉଲିଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା

କୋକସରା,୧୦।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ସାନପୋଡାଗୁଡା ଗ୍ରାମପଞ୍ଚାୟତ ଅଧୀନ କୁଳେରଗୁଡାଠାରେ ଆରାଧ୍ୟ ଦେବୀ ମା' ବସ୍ତ୍ରେନ ମାଉଁଲିଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା ପାଳିତ ହୋଇଯାଇଛି। ଯାତ୍ରାରେ ବିଭିନ୍ନ ଗ୍ରାମର ନିମନ୍ତ୍ରୀତ ଦେବଦେବୀମାନଙ୍କ ଲାଠି, କାଳସି ସାମିଲ ହେବା ପରେ ପୂଜା ଆରମ୍ଭ ହୋଇଥାଏ। ପ୍ରଥମେ ପାରମ୍ପରିକ ନୀତିରେ ପୂଜା ହୋଇ ମନ୍ଦିର ବେଢ଼ାକୁ ଦେବଦେବୀଙ୍କ ଲାଠି କାଳସି ପରିକ୍ରମା କରି ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ପରେ ଦେବଦେବୀଙ୍କ ଲାଠି, କାଳସି ମନ୍ଦିର ନିକଟ କଣ୍ଟା ଦୋଳିରେ ଝୁଲିଥିଲେ। ମା' ବସ୍ତ୍ରେରେନ ମାଉଁଲିଙ୍କ ସହିତ ପାର୍ଶ୍ୱ ଦେବଦେବୀ ଭିମା, ପୁଝାରୀବୁଡା, ଜାନୀଡୁମା ଦେବଦେବୀଙ୍କ ନିକଟରେ ମାନସିକଧାରୀ ଭକ୍ତମାନେ ଶୁକ୍ଳ ଭୋଗ ସହିତ ରକ୍ତ ଭୋଗ ବଳି ଦେଇଥିଲେ। ଏହି ମାଘ ମଣ୍ଡେଇ ଯାତ୍ରା ପାଳନ କଲେ ଅଞ୍ଚଳର ଲୋକେ ସୁଖରେ ଜୀବନ ଯାପନ କରନ୍ତି ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଦେବୀଙ୍କ ମୁଖ୍ୟ ପୁଝାରୀ ଅମର ସିଂ ପୂଝାରୀ, କ୍ଷିରସିନ୍ଧୁ ପୂଝାରୀ, ଶିରା ପଦ୍ମଲୋଚନ ପୋଟା, ପଦୁ ଲଦୁଆ ପ୍ରମୁଖ ପୂଜା କରିଥିଲେ। ପୂଜା କାର୍ଯ୍ୟରେ ଗ୍ରାମର ଡମ୍ବରୁଧର ଚୈଧୁରୀ, ବିନୋଦ ବଣିଆ, ହେମନ୍ତ ମାଝି, ଧନୁର୍ଜୟ ବାଗ, ଶିବରାମ ନାଏକ, ତ୍ରିଲୋଚନ ବାଗଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ମକ୍‌ଡ୍ରିଲ୍ ପ୍ରଦର୍ଶିତ କଲେ ଅଗ୍ନିଶମ କର୍ମଚାରୀ

କୋକସରା,୧୦।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ପକ୍ଷରୁ ମକ୍‌ଡ୍ରିଲ୍ ପ୍ରଦର୍ଶିତ କରାଯାଇଛି। କୋକସରା ଅଗ୍ନିଶମ ବିଭାଗ ପକ୍ଷରୁ ଉକ୍ତ କାର୍ଯ୍ୟାଳୟ ନିକଟରେ ଗ୍ୟାସ ଲିକ ହେଲେ କେମିତି ସହଜରେ ତାକୁ ନିୟନ୍ତ୍ରଣ କରି ଧନଜୀବନକୁ ସୁରକ୍ଷିତ କରିହେବ, ସେ ନେଇ ମକଡ୍ରିଲ କରି ଡେମୋ କରି ପ୍ରଦର୍ଶିତ କରିଛନ୍ତି। କାର୍ଯ୍ୟକ୍ରମ ଅଗ୍ନିଶମ ବିଭାଗ ଅଧିକାରୀ ଅନନ୍ତ ପଟେଲ ଓ କର୍ମଚାରୀ ପରିଚାଳନା କରିଥିବା ବେଳେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟର ଅଧିକାରୀ, ସିଡିପିଓ ସରୋଜା ଲତା ଦେଇ, ସୁପରଭାଇଜର ସୋନିଆ ହେମ୍ବ୍ରମ, ରାଧାମଣି ଦେଈ, ପ୍ରିୟସିନୀ ତାଣ୍ଡି, ଅଙ୍ଗନୱାଡି କର୍ମୀ ସୌଦାମିନୀ ବେହେରା, ତୁଳସୀ ବେସ୍ରା, ଅର୍ଚ୍ଚନା ରାଉତ, ଯଶୋଦା ନାଏକ, ସୁମିତ୍ରା ସାହୁ, ନମିତା ସାହୁ, ତରୁଲତା ହରିଜନ, ତୁଳସା ମାଝି, ଜନ ମାଝି, କୁଞ୍ଜଲତା ସିଙ୍ଗ, କୁନ୍ତୀ ସେଠି, ମଣିମାଳା ଗୋପାଳ, ତ୍ରିବେଣୀ ନାଗ, କମଳା ପଟ୍ଟନାୟକ ଓ ପାଚିକା ସହାୟିକା କର୍ମଚାରୀମାନେ ଉପସ୍ଥିତ ରହିଥିଲେ।


ମକଡ୍ରିଲ ପ୍ରଦର୍ଶନ କରାଯାଇଛି।

## ଫାଲେରିଆ ନିରାକରଣ ଅଭିଯାନ ଆରମ୍ଭ

ରୁପ୍ରା ରୋଡ଼/ନର୍ଲା/ପଲମ, ୧୦।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାଲେରିଆ ରୋଗର ନିରାକରଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଅକ୍ଷୟ ଗୋଛୟତଙ୍କ ଅଧକ୍ଷତାରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ରଞ୍ଜନ ମିତ୍ର ଯୋଗଦେଇ ଉଦ୍‌ଘାଟନ କରି ଫାଲେରିଆ ରୋଗ ଲକ୍ଷଣ ଓ ନିରାକରଣ ବିଷୟରେ ବୁଝାଇଥିଲେ। ଅନ୍ୟ ସମ୍ମାନିତ ଅତିଥି ମଧ୍ୟରେ କେନ୍ଦ୍ର ସରକାରଙ୍କ ପ୍ରତିନିଧି ଡା ଭେଲୁ, ଜିଲା ଭିଡି କସଲଟେଣ୍ଟ ସନ୍ତୋଷ ବାଗ, ନର୍ଲା ବିପିଏଲ ସବୀର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଫାଲେରିଆ ନିରାକରଣ ବୁଝାଇଥିଲେ। ନର୍ଲାର ସମସ୍ତ ସ୍ୱାସ୍ଥ୍ୟ କର୍ମୀ, ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ନର୍ଲା ଅଞ୍ଚଳର ସମସ୍ତ ଗାଁକୁ ଗାଁ ଘରକୁ ଘର ଯାଇ ପ୍ରତିଦିନ ୨ ବର୍ଷରୁ ଊର୍ଦ୍ଧ୍ୱ ୧୨୦ ଜଣଙ୍କୁ ଡିଇସି ଓ ଅଲଣ୍ଡୋଜୋଲ ଔଷଧ ପ୍ରଦାନ କରିବେ। ସେହିପରି ନର୍ଲା ବ୍ଲକ ଅଧୀନ ପଲମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାଲେରିଆ ରୋଗ ନିରାକରଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପାର୍ମାସିଷ୍ଟ ପି ଭବାନୀଶଙ୍କର ପାତ୍ର ଯୋଗଦେଇ ଉଦଘାଟନ କରିବା ସହ ଫାଲେରିଆ ରୋଗର ଲକ୍ଷଣ ଏବଂ ଏହାର ଉପଚାର ଓ ନିରାକରଣ ବିଷୟରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ପଲମ ସରପଞ୍ଚ ହେମକିଶୋର ନାଗ, ସୁପରଭାଇଜର ତ୍ରିଲକ୍ଷ ଭୋଇ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ସୂର୍ଯ୍ୟନାରାୟଣ ଆଚାରି, ମହିଳା ସ୍ୱାସ୍ଥ୍ୟ କର୍ମୀ ଅନ୍ନ ମାଝି ତଥା ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ୱାର୍ଡମେମ୍ବରମାନେ ଯୋଗଦେଇଥିଲେ।


ପଲମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାଲେରିଆ ରୋଗ ନିରାକରଣ କାର୍ଯ୍ୟକ୍ରମ।

## ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା

ଭବାନୀପାଟଣା,୧୦।୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ତୃତୀୟ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓଙ୍କ ଅଧକ୍ଷତାରେ ଧର୍ମଗଡ ବିଧାୟକ ମୌଷଧି ବାଗ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରି, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେର, ସଦର ବିଧାୟକ ପ୍ରତିନିଧି ମନୋଜ ସାହୁ, ଜୁନାଗଡ଼ ବିଧାୟକ ପ୍ରତିନିଧି ଦିନେଶ ବରର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ନିର୍ବାହୀ ଅଧକାରୀ ଜିଲା ପରିଷଦ ବିରଞ୍ଚି ନାରାୟଣ ଦୱାନ ସ୍ୱାଗତ କରିଥିଲେ। ଜିଲା ପରିଷଦ ଅଧକ୍ଷ ସିଂଦେଓ ଜିଲାର ଉନ୍ନତି ଓ ଆଞ୍ଚଳିକ ସମସ୍ୟା ସମାଧାନ ନିମନ୍ତେ ବୈଠକରେ ଶାନ୍ତିପୂର୍ଣ୍ଣ ଆଲୋଚନା ଓ ଗଠନମୂଳକ ସହାୟତା କରିବାକୁ ତଥା ବିଭାଗୀୟ ଅଧିକାରୀମାନଙ୍କୁ ନିଜ ଦାୟିତ୍ୱ ଠିକ ଭାବେ ନିର୍ବାହ ସହ ସମସ୍ୟାର ସମାଧାନ ନିମନ୍ତେ ତୁରନ୍ତ ପଦକ୍ଷେପ ପାଇଁ ଅନୁରୋଧ କରିଥିଲେ। ବିଭିନ୍ନ ବିଭାଗ ଯଥା ଜଳ ଯୋଗାଣ, ସ୍ୱାସ୍ଥ୍ୟ, କୃଷି, ବିଦ୍ୟୁତ୍, ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ଉଠାଜଳସେଚନ ଉପରେ ସମୀକ୍ଷା ହୋଇଥିଲା। ଯୋଗାଣ ବିଭାଗ ପକ୍ଷରୁ ସୂଚନା ଯେ, ୨୦୨୨-୨୩ ଖରିଫ ଋତୁରେ ୨।୨।୨୦୨୩ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ୫୫ ଲକ୍ଷ ୧୪ ହଜାର ୧୦୩ କୁଇଣ୍ଟାଲ ଧାନ ଥିବା ବେଳେ ୫୦ ଲକ୍ଷ ୯୫ ହଜାର ୨୯୪ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି, ଯାହାକି ୯୨% ପ୍ରତିଶତ। ୯୮,୩୩୩ ଚାଷୀ ପଞ୍ଜୀକୃତ ଥିବାବେଳେ ୨।୨।୨୦୨୩ ସୁଦ୍ଧା ୯୦,୨୩୪ଜଣ ଚାଷୀ ଧାନ ବିକ୍ରୟ କରିଛନ୍ତି।

ସେଭଳି ସ୍ୱାସ୍ଥ୍ୟ ବିଭାଗ ଅନୁଯାୟୀ ୪୦୪ ଡାକ୍ତର ଆବଶ୍ୟକ ଥିବା ସତ୍ତ୍ୱେ ୧୬୬ଟି ପୂରଣ ଓ ୨୩୮ଟି ଖାଲି ପଡ଼ିଛି। ଆୟୁଷ ଡାକ୍ତର ୫୫ଟି ଆବଶ୍ୟକ ସତ୍ତ୍ୱେ ୨୬ଟି ପୂରଣ ଓ ୨୯ଟି ଖାଲି ପଡ଼ିଛି। ଷ୍ଟାଫ ନର୍ସ ୨୫୩ରୁ ୧୬୦ଟି ପୂରଣ ହେଇଛି। ବିଶେଷଜ୍ଞ ୧୦୭ରୁ ୩୭ଟି ପୂରଣ ଓ ୭୦ଟି ଖାଲି ପଡ଼ିଛି। ପାନୀୟ ଜଳ ଯୋଗାଣରେ ଆର୍‌ଡବ୍ଲୁଏସଏସ ଦ୍ୱାରା ୪୧୨ଟି ଗ୍ରାମରେ ୬ଟି ମେଗା ପ୍ରୋଜେକ୍ଟ ସହ ୨୭୪ଟି ଗ୍ରାମରେ ସୋଲାର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ। ସଭ୍ୟ ଓ ଅଧିକାରୀମାନେ ଛତୁଆର ମାନ ଉପରେ ଅସନ୍ତୋଷ ପ୍ରକାଶ କରି ଛତୁଆ ଯୋଗାଣକାରୀଙ୍କୁ ପରିବର୍ତ୍ତନ କରିବାକୁ ଜିଲପାଳଙ୍କୁ ନିବେଦନ କରିଥିଲେ। ଜଳଯୋଗାଣ ଅନିୟମିତତା, ବିଦ୍ୟୁତ୍ ତାର ଚୋରି, ଗ୍ରୀଷ୍ମଋତୁ ପୂର୍ବରୁ ଅଗ୍ରାଧିକାର ଭିତ୍ତିରେ ନଳକୂପ ମରାମତି, ଓଭରହେଡ ଟାଙ୍କିରେ ପାଣି ଯୋଗାଣ, ଗ୍ରାମ୍ୟ ରାସ୍ତା, ୫-ଟି ହାଇସ୍କୁଲ କାର୍ଯ୍ୟରେ ଜନପ୍ରତିନିଧିଙ୍କୁ ଅଣଦେଖା, ଶସ୍ୟ ବୀମା ପୈଠ, ଧାନ ମଣ୍ଡି ଖୋଲିବା, ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା, ସ୍ୱାସ୍ଥ୍ୟ କେନ୍ଦ୍ରରେ ଔଷଧ ଅଭାବ, ବିଦ୍ୟୁତ୍‌କରଣ, ବେଆଇନ ମଦ କୋଠୀ ଉପରେ ଚଢ଼ାଉ ଉପରେ ପଚରାଯାଉଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ଗୃହରେ ପାଠ କରାଯାଇଥିଲା। ଜିଲା ପରିଷଦ କାର୍ଯ୍ୟାଳୟରେ ଚିନ୍ତାମଣି ନେଗି, ସୁରେଶ ସାହୁ, ବିଦ୍ୟାଧର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଧକ୍ଷ ସିଂଦେଓ ଧନ୍ୟବାଦ ଦେଇଥିଲେ।


ଭବାନୀପାଟଣାରେ ଜିଲା ପରିଷଦ ବୈଠକରେ ଆଲୋଚନା କରାଯାଉଛି।

### ଜିଲା ପରିଷଦ ବୈଠକ

- ଜିଲାରେ ଖାଲିପଡ଼ିଛି ୨୩୮ ଡାକ୍ତର ପଦବୀ
- ଛତୁଆ ଯୋଗାଣକାରୀଙ୍କୁ ପରିବର୍ତ୍ତନ କରିବାକୁ ନିବେଦନ

## ସଂକ୍ଷେପରେ

### କଫ ସିରପ୍ ଜବତ, ଜଣେ ଗିରଫ



**ଝାରବନ୍ଧ,୧୦।୨(ଡି.ଏନ.ଏ.):** ବରଗଡ ଜିଲା ଝାରବନ୍ଧ ଥାନା ଶକ୍ତି ଗ୍ରାମରେ ପୋଲିସ ଶୁକ୍ରବାର ଚଢାଉ କରି ଜଣେ ନିଶା ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଲିଙ୍ଗରାଜ ବନଛୋର(୩୨)। ତାଙ୍କଠାରୁ ୪୦ଟି କଫ୍ ସିରପ୍, ଏକ ଷ୍ଟ୍ରିପ୍ ନିଶା ବଟିକା, ଏକ ବାଇକ୍ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୩।୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପଦ୍ମପୁର ଜେଲ୍‌କୁ ପଠାଇ ଦିଆଯାଇଛି ବୋଲି ଝାରବନ୍ଧ ଥାନାଧିକାରୀ ଦିଲୀପ କୁମାର ବେହେରା ସୂଚନା ଦେଇଛନ୍ତି।

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଜାମଟିକ୍ରା,୧୦।୨(ଡି.ଏନ.ଏ.):** ବରଗଡ ଜିଲା ଅତାବିରା ବ୍ଲକର ଲରମ୍ବା କଲେଜରେ ଚାଲିଥିବା ମହିଳା ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ସପ୍ତାହେ ବ୍ୟାପୀ ଚାଲିଥିଲା। ଶେଷ ଦିବସରେ କଲେଜ ଅଧକ୍ଷ ଡଃ ପ୍ରମୋଦ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ତାଲିମଦାତ୍ରୀ ସୁଜାତା ଭୋଇ ଓ ମୁକ୍ତେଶ୍ୱରୀ ସିନ୍ଧୁରିଆ ଯୋଗ ଦେଇଥିଲେ। ଏହି ଅବସରରେ ତାଲିମ କାର୍ଯ୍ୟକ୍ରମରେ ଭାଗ ନେଇଥିବା ୧୯୯ଜଣ ଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ପ୍ରାଧାପିକା ଜୟ କୁମାରୀ ମିଶ୍ର, ଅଧାପକ ଡ. ଦିଗମ୍ବର ଚାନ୍ଦ, ସିଦ୍ଧେଶ୍ୱର ପ୍ରଧାନ, ପବିତ୍ର ମାହାଣା, ପ୍ରମୋଦ ସେଠ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ପରିଚାଳକ ହରିଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ବିଦ୍ୟୁତ୍ ଲାଗି ମାଛ ମାରୁଥିବା ଯୁବକ ମୃତ

**ବୌଦ୍ଧ, ୧୦।୨(ସ୍ୱ.ପ୍ର.):** ବିଦ୍ୟୁତ୍ ତାର ସଂଯୋଗ କରି ମାଛ ମାରିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି। ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତଳଗାଁ ପଞ୍ଚାୟତର ସାନଭୁର୍ତା ଗ୍ରାମରେ ଏହି ଘଟଣା ଘଟିଛି। ଗତ ଗୁରୁବାର ପ୍ରାୟ ୧୦ଟାରେ ସାନଭୁର୍ତା ଗ୍ରାମର ପ୍ରସନ୍ନ ଜାନୀ ନିକଟବର୍ତ୍ତୀ ଗ୍ରାମ ପତକାପାଲି ଗ୍ରାମର କିଛି ସାଙ୍ଗମାନଙ୍କ ସହିତ ନିକଟରେ ଯାଇଥିବା ନାଳକୁ ବିଦ୍ୟୁତ୍ ସାହାର୍ଯ୍ୟରେ ମାଛ ମାରିବାକୁ ଯାଇଥିଲେ। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରସନ୍ନଙ୍କ ମୃତ୍ୟୁ ହୋଇଥିଲା। ସାଙ୍ଗରେ ଯାଇଥିବା ଅନ୍ୟ ବ୍ୟକ୍ତିମାନେ ଭୟରେ ସଙ୍ଗେ ସଙ୍ଗେ ମୃତ୍ୟୁ ଘଟଣା ଖବର ନ ଦେଇ ଅପରାହ୍ନରେ ପ୍ରସନ୍ନଙ୍କ ସ୍ତ୍ରୀକୁ ଖବର ଦେଇ ଫେରାର ହୋଇଯାଇଥିଲେ। ଏନେଇ ପରିବାର ହରଭଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଖବର ପାଇ ହରଭଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ଶୁକ୍ରବାର ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଥିବାବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ରାମ ମନ୍ଦିର ନିର୍ମାଣର ରତ୍ନମୁଦ ସ୍ଥାପନ ଉପଲକ୍ଷେ ସୁନ୍ଦରାକାଣ୍ଡ ପାରାୟଣ

**ବାଉଁଶୁଣୀ, ୧୦।୨(ଡି.ଏନ୍.ଏ.):** ବୌଦ୍ଧ ଜିଲା ବାଉଁଶୁଣୀ ଗ୍ରାମପଞ୍ଚାୟତ ବାଉଁଶୁଣୀ ଡେଲି ମାର୍କେଟରେ ଶୁକ୍ରବାର ରାମ ମନ୍ଦିର ନିର୍ମାଣର ରତ୍ନମୁଦ ସ୍ଥାପନ ଉପଲକ୍ଷେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବରେ ବୃନ୍ଦାବନ ମେହେର ସପତ୍ନୀ ସୁକାନ୍ତି ମେହେର, ବିଶିକେଶନ ମେହେର ଓ ସପତ୍ନୀ ଉର୍ବଶୀ ମେହେର ଥିବା ବେଳେ ପୂଜକ ଭାବରେ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଓ କିରଣ ତ୍ରିପାଠୀ ପୂଜା କାର୍ଯ୍ୟ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ବାଉଁଶୁଣୀ ଛକ ରାମଲୀଳା ନାଟ୍ୟ ସଂସଦ ଓ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ। ପାରାୟଣ ଗାୟକ ରବିନାରାୟଣ ମିଶ୍ର ସୁନ୍ଦରାକାଣ୍ଡ ପାରାୟଣ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩ନଂ. ଜୋନ ଜିଲା ପରିଷଦ ସଭ୍ୟ ଶଙ୍କର୍ଷଣ ପ୍ରଧାନ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଦେଖିବାକୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ମନ୍ଦିର କାରିଗର ପ୍ରଦୀପ ଭୋଇ ରତ୍ନମୁଦ ସ୍ଥାପନ କରିଥିଲେ।

# ୨୫୭ ପ୍ରକଳ୍ପ ପାଇଁ ୬ କୋଟିର ପ୍ରସ୍ତାବ ଅନୁମୋଦନ

- ସୁବର୍ଣ୍ଣପୁର ଜିଲା ଯୋଜନା କମିଟି ବୈଠକ
- ୨୩୧୫.୪୨କୋଟିର ଜିଲା ଯୋଜନା ବାର୍ଷିକ ଅଟକଳ ଅନୁମୋଦିତ

**ସୋନପୁର,୧୦।୨(ନି.ପ୍ର.)**



ଡିପିସି ବୈଠକରେ ମଞ୍ଚାସୀନ କମିଟି ଅଧକ୍ଷ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ଅର୍ଥ ମନ୍ତ୍ରୀ,ଜିଲାପାଳ ଓ ଅନ୍ୟମାନେ ।

ସୁବର୍ଣ୍ଣପୁର ଜିଲା ଯୋଜନା କମିଟିର ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଯୋଜନା କମିଟିର ଅଧକ୍ଷ ତଥା ଜଙ୍ଗଲ, ପରିବେଶ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବୈଠକରେ ଅଧକ୍ଷତା କରିଥିଲେ । ୨୦୨୧-୨୨ ଆର୍ଥିକ ବର୍ଷରେ ବିଜୁ କେବିକେ ଯୋଜନାରେ ୩ କୋଟି ଟଙ୍କାର ୧୨୩ଟି ପ୍ରକଳ୍ପ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ବିଜୁ କେବିକେ ଯୋଜନାରେ ୩ କୋଟି ଟଙ୍କାର ୧୩୪ଟି ପ୍ରକଳ୍ପ ପାଇଁ ପ୍ରସ୍ତାବ ଅନୁମୋଦନ ହୋଇଥିଲା । ଗତ ଦୁଇଟି ଆର୍ଥିକ ବର୍ଷରେ ବିଜୁ କେବିକେ ଯୋଜନାରେ ଜିଲାର ମୋଟ ୬ କୋଟି ଟଙ୍କାର ୨୫୭ଟି ପ୍ରକଳ୍ପ ପାଇଁ ବୈଠକରେ ପ୍ରସ୍ତାବ ଅନୁମୋଦନ ହୋଇଥିଲା । ପ୍ରତି ବ୍ଲକକୁ ସମାନ ଭାବେ ୫୦ ଲକ୍ଷ ଟଙ୍କାର ପ୍ରକଳ୍ପ ଦିଆଯାଇଛି । ସେହିପରି କୃଷି, ଉଦ୍ୟାନ କୃଷି, ମୃର୍ତ୍ତିକା ସଂରକ୍ଷଣ, ପ୍ରାଣୀ ସମ୍ପଦ, ମତ୍ସ୍ୟ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ, ଶକ୍ତି, ପରିବହନ ଏବଂ ସାମାଜିକ ସେବା ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ୨ହଜାର ୩୧୫କୋଟି ୪୨ଲକ୍ଷ ୩୪ ହଜାର ଟଙ୍କାର ଜିଲା ଯୋଜନା ବାର୍ଷିକ ଅଟକଳ ଅନୁମୋଦିତ ହୋଇଥିଲା । କରୋନା ମହାମାରୀ ପାଇଁ ଅନୁମୋଦନ ହୋଇ ପାରି ନ ଥିବା ୨୦୨୦-୨୧ ଆର୍ଥିକ ବର୍ଷରେ ୨ହଜାର ୫୭କୋଟି ୫ଲକ୍ଷ ୫୧ହଜାର ଟଙ୍କାର ଜିଲା ଯୋଜନା ବାର୍ଷିକ ଅଟକଳ ଓ ୨୦୨୧-୨୨ ଆର୍ଥିକ ବର୍ଷରେ ୨ହଜାର ୧୮୮କୋଟି ୮୯ଲକ୍ଷ ୭୬ହଜାର ଟଙ୍କାର ଜିଲା ଯୋଜନା ବାର୍ଷିକ ଅଟକଳ ଅନୁମୋଦିତ ହୋଇଥିଲା । ଏହି ବୈଠକରେ ଅର୍ଥ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ଜିଲାର ବାର୍ଷିକ ଯୋଜନା ଓ ଏହାର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ପରିଷଦ ଅଧକ୍ଷା ତଥା ଜିଲା ଯୋଜନା କମିଟି ସଭ୍ୟ ସୁପାର ଠେଲା, ଜିଲାପାଳ ଅବୋଲି ସୁନିଲ ନରୱଣେ, ଜିଲା ପରିଷଦ ଉପାଧକ୍ଷ ତଥା କମିଟି ସଭ୍ୟ ଝସକେତନ ବଘାର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ଜିଲା ପରିଷଦ ସଭ୍ୟ ତଥା ଜିଲା ଯୋଜନା କମିଟି ସଭ୍ୟ ବଶିଷ୍ଟ ଭରାସାଗର, ଚନ୍ଦ୍ରକାନ୍ତି ଦନ୍ତା, ମଞ୍ଜୁଶ୍ରୀ ମାଝୀ, ଗଣେଷ ଚନ୍ଦ୍ର ଭୋଇ, ମଧୁସୂଦନ ଓତା, ଅଞ୍ଜଳି କମ୍ପ, ଶକୁନ୍ତଳା ପୃଷ୍ଟି ଓ ବିଜୟଲକ୍ଷ୍ମୀ ତରାଇ, ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୈତ୍ୟ ନାରାୟଣ ପାଢୀ, ଜିଲା ମୁଖ୍ୟ କୃଷି ଅଧିକାରୀ ନାରାୟଣ ଚନ୍ଦ୍ର ସେଠୀ, ତେଲ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଜିତେନ୍ଦ୍ର ପାଢୀ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ନରେନ ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

### ଚଣ୍ଡୀ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭ ଖମ୍ବ ସ୍ଥାପନ

**ବାଉଁଶୁଣୀ, ୧୦।୨(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଚଣ୍ଡିତଳର ଚଣ୍ଡିମନ୍ଦିରର ପ୍ରତିଷ୍ଠା ଉତ୍ସବ ଫେବୃଆରୀ ୨୭ ରୁ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ମନ୍ଦିର ପରିସରରେ ଶୁଭ ଖମ୍ବସ୍ଥାପନ ସମ୍ପନ୍ନ ହୋଇ ଯାଇଛି।ଏଥିରେ କର୍ତ୍ତା ଭାବେ ବୌଦ୍ଧର ମହେଶ ଅଗ୍ରୱାଲ ଓ ତାଙ୍କର ସହଧର୍ମିଣୀ ଭାରତୀ ଅଗ୍ରୱାଲ ଦାୟିତ୍ୱ ତୁଲାଇଥିଲେ। ଏଥିରେ ପୂଜକ ଭାବେ ସୁଶୀଲ ପାଣିଗ୍ରାହୀ ଓ ପ୍ରଦୀପ ପାଢ଼ୀ କାର୍ଯ୍ୟ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ପୂଜକ ଡମ୍ବରୁ ବେହେରା, ଅଧିକାରୀ ବେହେରା, ଯୁଗଳ ସାହୁ, ମନରଞ୍ଜନ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ।

# କ୍ରିକେଟ: ମହୁଲପାଲି ଚାମ୍ପିୟନ




ଅତିଥିମାନେ ବିଜେତା ମହୁଲପାଲି ଦଳକୁ ପୁରସ୍କୃତ କରୁଛନ୍ତି ।

**ପଦ୍ମପୁର,୧୦।୨(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁରର ଖୁଜେନ କ୍ରିକେଟ ପଡିଆରେ ଚାଲିଥିବା ପଞ୍ଚମ ଜୟ ଜଗନ୍ନାଥ କ୍ରିକେଟ କପ୍ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଗୌଡ଼ପାଲି ଓ ମହୁଲପାଲି ଦଳ ମଧରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମହୁଲପାଲି ଦଳ ୧୧୮ରନ୍‌ର ଟାର୍ଗେଟକୁ ପିଛା କରି ୫ ଓଭରରେ ୧୨୦ ରନ ହାସଲ କରିବା ସହ ଗୌଡ଼ପାଲି ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ବିଜେଡି ଯୁବନେତା ଭୋଜରାଜ ସିଂ ବରିହା ମୁଖ୍ୟଅତିଥି, ବରିହାପାଲି ସରପଞ୍ଚ ନିରଦ କୁମାର ସାହୁ, ପୂର୍ବତନ ସରପଞ୍ଚ ସୁଦାମ ପଧାନ, ଯୁଗଳ କିଶୋର ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ତେଜରାଜ ସ୍ୱାଇଁ, ଚିତ୍ରସେନ ସ୍ୱାଇଁ, ଅନିରୁଦ୍ଧ ରଣା, ଶିରୀଶ ସ୍ୱାଇଁ, ସୁଦାମ ପ୍ରଧାନ, କୀର୍ତ୍ତନ ସାହୁ, ଲକ୍ଷପତି ସ୍ୱାଇଁ ଏବଂ ପ୍ରଦୀପ୍ତ ଦାଶ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ବିଜୟ ସ୍ୱାଇଁ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ଠାକୁର ବରିହା ଓ ଦେବାର ବରିହା ଖେଳ ପରିଚାଳନା କରିଥିବା ବେଳେ ସୁଶାନ୍ତ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ।

### ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ପାଇକମାଳ,୧୦।୨(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ବ୍ଲକ ବରତୁଣ୍ଡା ଗୋରୁବଜାର ପରିସରରେ ସଡ଼କ ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧାପକ ସରୋଜ ସାହୁ, ବରତୁଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଫୁଲ ଯୋଶୀ ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଆଦିକନ୍ଦ ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ପ୍ରଫୁଲ ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ। ସରପଞ୍ଚ ରୀତା ସୁନା, ଜିଲା ପରିଷଦ ସଭ୍ୟା ତ୍ରିପୁରା ବରିହା, ସିଆର୍‌ପିଏଫ୍ ଏସ୍‌ଆଇ ଡି. କେ. ସାଲଭେ, କୌଶଲ୍ୟା ଧରୁଆ, ସମାଜସେବୀ ବଡ ଶତପଥୀ, ସୁରଥ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ଉପରେ ବାର୍ତ୍ତା ଦେଇଥିଲେ। ଆଇନଜୀବୀ ଜୟନ୍ତ ପ୍ରଧାନ ଟ୍ରାଫିକ ନିୟମ ଉପରେ ବକ୍ତବ୍ୟ ଦେଇଥିଲେ। ଜାମସେଠ ହାଇସ୍କୁଲର ପ୍ରଧାନ ଶିକ୍ଷକ ଗୋପାଳ ବେହେରା ସଡ଼କ ସୁରକ୍ଷାକୁ ନେଇ ଶପଥ ପାଠ କରାଇଥିଲେ। ରେବତୀ ରାଉତ ଧନ୍ୟବାଦ ଅର୍ପଣଥିଲେ।

### ନୃସିଂହନାଥ ଭଣ୍ଡାର ଗୃହ ଭାଙ୍ଗିବା ଯୋଜନାକୁ ବିରୋଧ

**ପାଇକମାଳ,୧୦।୨(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ବ୍ଲକର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ପୀଠର ଭଣ୍ଡାର ଗୃହ ଭାଙ୍ଗିବା ଯୋଜନାକୁ ବିରୋଧ କରାଯାଇଛି। ଏହି ମର୍ମରେ ବଜରଙ୍ଗ ଦଳ ପକ୍ଷରୁ ଶୁକ୍ରବାର ପାଇକମାଳ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଡ଼ିଓଙ୍କ ଅନୁପସ୍ଥିତିରେ ବଡବାବୁ ଗୌରାଙ୍ଗ ଦେବତା ଦାବିପତ୍ର ଗ୍ରହଣ କରିଥିଲେ। ଏହାର ନକଲ ନୃସିଂହନାଥ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଅଭିଯୋଗ ଅନୁସାରେ, ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ମନ୍ଦିରକୁ ରାଜ୍ୟ ସରକାର ସୌନ୍ଦର୍ଯ୍ୟକରଣ କରୁଛନ୍ତି। ଏହି କ୍ରମରେ ମନ୍ଦିର ପରିସରରେ ଥିବା ଭଣ୍ଡାର ଘରକୁ ନବୀକରଣ ନାଁରେ ଭାଙ୍ଗିଦେବା ଯୋଜନା ରହିଛି। ଏଭଳି ହେଲେ ଏହା ହିନ୍ଦୁମାନଙ୍କ ଭାବାବେଗକୁ ଆଘାତ କରିବ ବୋଲି ବଜରଙ୍ଗ ଦଳ ପକ୍ଷରୁ କୁହାଯାଇଛି। ଏହି ପ୍ରାଚୀନ ଭଣ୍ଡାର ଗୃହକୁ ଭାଙ୍ଗିବାକୁ ବଜରଙ୍ଗ ଦଳ ବିରୋଧ କରୁଛି ବୋଲି ଜିଲା ସଂଯୋଜକ ଓମ୍ ପ୍ରକାଶ ମେହେର କହିଛନ୍ତି। ଏ ନେଇ ପାଇକମାଳ ବିଡ଼ିଓ ସୁରେନ୍ଦ୍ର ନାଥ ସାହୁଙ୍କୁ ପଚାରିବାରୁ ଅଭିଯୋଗପତ୍ର ପାଇଛି। ସ୍ଥାନୀୟ ଲୋକଙ୍କଠାରୁ ବୁଝି ବିଚାରି ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।



ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

### ବୌଦ୍ଧ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ | ଅନୁଗୋଳକୁ ହରାଇ ଖୋର୍ଦ୍ଧା ଫାଇନାଲରେ

**ବୌଦ୍ଧ, ୧୦।୨(ସ୍ୱ.ପ୍ର.)**



କ୍ରିକେଟ ଟୁର୍ନାମେଣ୍ଟର ଖେଳାଳି ଓ ଅତିଥି।

ବୌଦ୍ଧ ଜିଲା କ୍ରିକେଟ ଆସୋସିଏସନ ଆନୁକୁଲ୍ୟରେ ଜିଲା ଷ୍ଟାଡିୟମଠାରେ ଚାଲିଥିବା ବୌଦ୍ଧ କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଏସିସି ଅନୁଗୋଳ ଓ ଡିସିଏ ଖୋର୍ଦ୍ଧା ମଧରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବରେ ବରିଷ୍ଠ କ୍ରିକେଟ୍ ଖେଳାଳି ରଞ୍ଜନ ରଶ୍ମି ନାଏକ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରର ମ୍ୟାଚ୍‌ରେ ୩ ଉଇକେଟ୍ ବିନିମୟରେ ୨୧୪ ରନ୍ ସଂଗ୍ରହ କରିଥିଲା। ଅପରପକ୍ଷରେ ଅନୁଗୋଳ ଦଳ ୨୧୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୨୦ ଓଭରରେ ୭ ଉଇକେଟ୍ ବିନିମୟରେ ୧୬୮ କରିଥିଲା। ଫଳରେ ଖୋର୍ଦ୍ଧା ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଆମ୍ପାୟର ଶ୍ୟାମସୁନ୍ଦର ପଣ୍ଡା ଓ ବିଶ୍ୱମ୍ବର ମହାକୁଡ ପରିଚ଼ାଳନା କରିଥିବାବେଳେ ମହେଶ କୁମାର ମଲ୍ଲିକ ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ। ଧାରାବିବରଣୀ ଶ୍ରୀଧର ମଲ୍ଲିକ ପ୍ରଦାନ କରିଥିଲେ।

### ପାଇକମାଳ ପିଏଚ୍‌ସିକୁ ମିଳିଲା ସିଏଚ୍‌ସି ମାନ୍ୟତା

**ପାଇକମାଳ,୧୦।୨(ଡି.ଏନ.ଏ.)**

ବରଗଡ଼ ଜିଲା ପାଇକମାଳ ଅଞ୍ଚଳର ଲୋକମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ପାଇକମାଳ ପିଏଚ୍‌ସି(ନୂତନ)କୁ ସିଏଚ୍‌ସି ମାନ୍ୟତା ପ୍ରଦାନ କରାଯାଇଛି। ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ଏବଂ କମିଶନର ତଥା ସେକ୍ରେଟରୀଙ୍କ ପତ୍ରସଂଖ୍ୟା ୩୩୫୨/ତା:୧୦।୨।୨୩ରିଖ ଅନୁସାରେ ଏହି ନିର୍ଦ୍ଦେଶନାମା ଜାରି ହୋଇଛି। ପତ୍ରସଂଖ୍ୟା ୩୩୫୬/ତା:୧୦।୨।୨୩ରିଖ ଅନୁସାରେ ବରଗଡ ଜିଲାପାଳଙ୍କ ପାଖକୁ ଉକ୍ତ ଚିଠି ଆସିଥିବା ଜଣାପଡିଛି। ସୂଚନାଯୋଗ୍ୟ, ପଦ୍ମପୁର ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଇକମାଳ ପିଏଚ୍‌ସିକୁ ସିଏଚ୍‌ସି କରାଯିବ ବୋଲି କହିଥିଲେ।

### ୭ ବଟୁଙ୍କ ସାମୂହିକ ବ୍ରତୋପନୟନ

**ବରପାଲି,୧୦।୨(ଡି.ଏନ.ଏ.)**

ବରପାଲି ବ୍ଲକ ସନାତନୀ ବ୍ରାହ୍ମଣ ସମାଜ ପକ୍ଷରୁ ସ୍ଥାନୀୟ ଗଙ୍ଗାଧର କଲ୍ୟାଣ ମଣ୍ଡପରେ ଶୁକ୍ରବାର ୭ଜଣ ବଟୁଙ୍କ ସାମୂହିକ ବ୍ରତୋପନୟନ ଅନୁଷ୍ଠିତ ହୋଇଛି। ଗୁରୁବାର ଚାରିକର୍ମ ଓ ଶୁକ୍ରବାର ବ୍ରତୋପନୟନ ଅନୁଷ୍ଠିତ ହୋଇଥିଲା। ବ୍ରତରେ ସାବିତ୍ରୀ ପ୍ରଦାନ ପରେ ସ୍ଥାନୀୟ ନୃସିଂହ ମନ୍ଦିରକୁ ରୋଷଣୀ ଯାତ୍ରା ଯାଇଥିଲା। ବ୍ରାହ୍ମଣ ବଟୁମାନେ ହେଲେ ରୋହନ ନନ୍ଦ, ସାଇ ଶେଖର ମିଶ୍ର, ସମୀର ଶତପଥୀ, ପ୍ରିତେଶ ପଣ୍ଡା, ଅମିତ ତିୱାରୀ, ସାହିଲ ଷଡ଼ଙ୍ଗୀ ଏବଂ ଓମ୍ ପ୍ରକାଶ ଷଡ଼ଙ୍ଗୀ। ବ୍ଲକ ସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ଦେବତାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆବାହକ ଡାକ୍ତର କାଳୀ ଚରଣ ଦାଶ, ସମ୍ପାଦକ ଶରତ ପାଣିଗ୍ରାହୀ, ବିଜୟ ମିଶ୍ର, ସରୋଜ ଦାଶ, ରମାକାନ୍ତ ତ୍ରିପାଠୀ, ଆନନ୍ଦ ଦାଶ, ମେଘନାଦ ମିଶ୍ର, ବାଲକିଶୋର ଖାଡଙ୍ଗା, ଅରୁଣ ପଣ୍ଡା, ବିନୋଦ ସୁଶାରିଙ୍କ ସମେତ ଶକ୍ତି ବାହିନୀର ବହୁ ମହିଳା ସଭ୍ୟା ସହଯୋଗ କରିଥିଲେ। ପଣ୍ଡିତ ଡୋଲାମଣି ଦେବତାଙ୍କ ନେତୃତ୍ୱରେ ୭ ଜଣ ପଣ୍ଡିତ ବ୍ରତ କାର୍ଯ୍ୟରେ ନିୟୋଜିତ ହୋଇଥିଲେ।




ବ୍ରତୋପନୟନ ହୋଇଥିବା ବଟୁଗଣ।

# ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟ

**ବ୍ଲକସ୍ତରୀୟ ବିଜେତା କାର୍ଯ୍ୟକ୍ରମ**

**ଭେଡେନ,୧୦।୨(ଡି.ଏନ.ଏ.)**



ବିଜେତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ବରଗଡ ଜିଲା ଭେଡେନ ସ୍ଥିତ ସୂର୍ଯ୍ୟମଣି ଜନତା ହାଇସ୍କୁଲ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ବିଜେତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ମଚ୍ଛିନ୍ଦ୍ର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧକ୍ଷ ଡୋଲାମଣି କ୍ଷେତି, ଭେଡେନ ସରପଞ୍ଚ ଅକ୍ଷୟ ନାଏକ, ଜିଲା ପରିଷଦ ସଭ୍ୟା ପଦ୍ମିନୀ ଗଡତିଆ, ଏବିଇଓ ହେମବତୀ ମେହେର, ଶିବଲାଲ ମେହେର, ହାଇସ୍କୁଲର ପ୍ରଧାନ ଶିକ୍ଷକ ବନମାଳି ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ତାଲମେଣ୍ଡା, ବରପଦର, ଜାଣ୍ଡୋଲ, ଚିଚିଣ୍ଡା, ଭେଡେନ, ସିଆଲଖଣ୍ଡହଥା ଏବଂ ରେମଣ୍ଡା ଆଦି ସ୍କୁଲର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବରଗଡ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହଶିକ୍ଷଣ କାର୍ଯ୍ୟକ୍ରମ ଯୋଗୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ବିଜେତା କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଇଓ ରାଧାକାନ୍ତ ଛତ୍ରୀ, ବିଡିଓ ରଘୁନାଥ ପାଣିଗ୍ରାହୀ ଓ ବରଗଡ ବିଜେତା ସଂଯୋଜକ ଡଃ ମନୋଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ୨୦୨୧-୨୨ ପ୍ରାଥମିକ ବିଦ୍ୟାଳୟ ତୃତୀୟ ଏବଂ ପଞ୍ଚମ ଶ୍ରେଣୀବୃତ୍ତି ପରୀକ୍ଷା ସମେତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହିତ ୭ଟି ବିଜେତା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭେଡେନ ହାଇସ୍କୁଲର ପ୍ରଧାନ ଶିକ୍ଷକ ବନମାଳି ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଗୋବିନ୍ଦ ସେଟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସିଆରସିସି କ୍ଷିତେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ସିଆରସିସି, ବିଜେତା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ, ୪ଟି ଗ୍ରୁପ୍‌ର ମେଣ୍ଟର ଶିକ୍ଷକ ଓ ଭେଡେନ ଉଚ୍ଚବିଦ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ବ୍ରଜରାଜନଗର,୧୦।୨(ଡି.ଏନ.ଏ.):** ବ୍ରଜରଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ କତାଭଗା ଅଙ୍ଗନୱାଡି କେନ୍ଦ୍ରଠାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ତପସ୍ୱିନୀ ପଣ୍ଡା ଓ ଶ୍ରୀକାନ୍ତ ଚିନୀରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଶିବିରରେ ମୋଟ ୧୦୫ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ଦିଆଯାଇଥିଲା। ବିଶେଷ କରି ରକ୍ତଚାପ, କର୍କଟ ରୋଗ ଆଦି ପରୀକ୍ଷା କରାଯାଇଥିଲା। ଶେଖ ବସିର ଅଲ୍ଲି, ଗୌରୀ ସାହୁ ପ୍ରମୁଖ ସହାୟତା କରିଥିଲେ।

### ଗୌଡ଼ମାଳ ନକ୍ଆଉଟ କ୍ରିକେଟ

**ବ୍ରଜରାଜନଗର,୧୦।୨(ଡି.ଏନ.ଏ.):** ସ୍ଥାନୀୟ ଗୌଡ଼ମାଳ ପଞ୍ଚାୟତର ଠିଆବେର୍ନା ଗ୍ରାମରେ ନକଆଉଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସମୁଦାୟ ୧୬ଟି ଟିମ୍ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ଖେଳ ଜୁରାବଗା ଓ ବଡଯୋବ ମଧ୍ୟରେ ହୋଇଥିଲା। ଜୁରାବଗା ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୪ ଉଇକେଟ ବିନିମୟରେ ୧୦୭ ରନ କରିଥିଲା। ବଡଯୋବ ଦଳ ୫ଉଇକେଟ ହରାଇ ମାତ୍ର ୪୮ ରନ କରି ମ୍ୟାଚ ହାରିଯାଇଥିଲା। ଅମ୍ପେୟାର ଭାବେ ଲେଲେ ଖଡିଆ ଓ ମନୋଜ ସା ଖେଳ ପରିଚାଳନା କରିଥିଲେ। ଗୌଡ଼ମାଳ ସରପଞ୍ଚ ରାଜକୁମାର ସାଏ ମୁଖ୍ୟ ଅତିଥି ଓ ପୂର୍ବତନ ସମିତି ସଭ୍ୟ ଗଣେଷ ବାଗ, ସାମାଜିକ କର୍ମୀ ପରାଧୀନ ତନ୍ତୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

### ବ୍ଲେଡ୍‌ରେ ଆକ୍ରମଣ କରି ଯୁବକ ଗିରଫ

**କୁଚିଣ୍ଡା,୧୦।୨(ଡି.ଏନ.ଏ.):** ଧାରଟଙ୍କାକୁ କେନ୍ଦ୍ର କରି କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ୫ର ସନ୍ତୋଷ ମୁଣ୍ଡା(ଟୁମୁଡୁ) ବଡକିଷାନ ପଡାର ପ୍ରଦୀପ ବାଘ ଓ ଅନାମ ବାଘଙ୍କୁ ବ୍ଲେଡ୍‌ରେ ଆକ୍ରମଣ କରି କୁଚିଣ୍ଡା ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। କୁଚିଣ୍ଡା ଥାନା କେସ୍ ନଂ୩୮ରେ ଏକ ମାମଲା ରୁଜୁ କରି ପୋଲିସ ଶୁକ୍ରବାର ଟୁମୁଡୁଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ଦୁଇଦିନ ତଳେ ପ୍ରଦୀପ ଟୁମୁଡୁଙ୍କଠାରୁ ୧୦ଟଙ୍କା ଧାର ନେଇଥିଲେ। ଗୁରୁବାର ପ୍ରଦୀପଙ୍କୁ ଟୁମୁଡୁ ଧାର ଟଙ୍କା ମାଗିବାରୁ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଟୁମୁଡୁ ପ୍ରଦୀପଙ୍କୁ ବାଉଁଶ ବାଡିରେ ଆକ୍ରମଣ କରିଥିଲେ। ପ୍ରଦୀପଙ୍କ ଭାଇ ଅନାମ ବାରଣ କରିବାରୁ ଟୁମୁଡୁ ଉଭୟଙ୍କୁ ବ୍ଲେଡରେ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା।

### ଠକେଇ ଅଭିଯୋଗରେ ଯୁବକ ଗିରଫ

**କୁଚିଣ୍ଡା,୧୦।୨(ଡି.ଏନ.ଏ.):** ଶିକ୍ଷାଋଣ କରାଇଦେବା ନାମରେ ଠକେଇ



ଅଭିଯୋଗରେ କୁଚିଣ୍ଡା ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ୪ର ଥବିର ସହସିଆ(୨୮)। ସୂଚନା ଅନୁଯାୟୀ ଥବିର ହରିୟାଣାର ବିଜନେସ ସଲ୍ୟୁସନ୍ସ ପ୍ରା.ଲି. କମ୍ପାନୀରେ ଜଣପ୍ରତି ୧ଲକ୍ଷ ଟଙ୍କା ଲେଖାଏ ଶିକ୍ଷା ଋଣ କରାଇ ଦେବାକୁ କହି ୨୩ ଜଣଙ୍କଠାରୁ ୩୫ଶହ ଟଙ୍କା ଲେଖାଏ ମୋଟ ୮୦ହଜାର ୫ଶହ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଥିଲା। ଗୁଡ୍ରାପଡାର ବିଦେଶୀ ନାୟକ ଗତ ୬ତାରିଖରେ ଏ ନେଇ କୁଚିଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ୩୪/୨୩) ରୁଜୁ କରି ତଦନ୍ତ ଚଳାଇଥିଲା।

# ଖାଉଟି, ଚାଷୀଙ୍କୁ ଲାଭ ଦେଉଛି ନୂତନ ବଜାର

**ସମ୍ବଲପୁର,୧୦।୨(ବ୍ୟୁରୋ)**

- ୪୦ ବର୍ଷ ଧରି ବନ୍ଦ ଥିଲା
- ଉପକୃତ ହେଉଛନ୍ତି ୧୫ ଗ୍ରାମବାସୀ

ପୂର୍ବରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକମାନଙ୍କୁ ଉତ୍ସାହିତ କରିବା ପାଇଁ ଶ୍ରମଦାନ କରି ଚର୍ଚ୍ଚାକୁ ଆସିଥିଲେ ଯୁଯୁମୁରା ବ୍ଲକ ଝାଙ୍କରପାଲି ପଞ୍ଚାୟତର ସରପଞ୍ଚ ନିରଞ୍ଜନ ପଣ୍ଡା। ଏବେ ଅଞ୍ଚଳର ଚାଷୀ ଓ ଖାଉଟିମାନଙ୍କ ସୁବିଧା ପାଇଁ ୪୦ବର୍ଷ ଧରି ବନ୍ଦ ପଡିଥିବା ମୁଣ୍ଡେର ସାପ୍ତାହିକ ହାଟ (ବଜାର) ଖୋଲିବାରେ ସରପଞ୍ଚ ପଣ୍ଡା ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଦିନକୁ ଦିନ ଏହି ହାଟରେ ବ୍ୟବସାୟୀ ଓ ଖାଉଟିଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବଜାର ପରିଚାଳନା ପାଇଁ ଜୟଦୁର୍ଗା ନାମରେ ଏକ ବଜାର କମିଟି ଗଠନ କରାଯାଇଛି। ୧୫ରୁ ଅଧିକ ଗ୍ରାମବାସୀ ଏହାଦ୍ୱାରା ଉପକୃତ ହେଉଥିବା ବେଳେ ୫ଖଣ୍ଡ ଗ୍ରାମର ଚାଷୀ ନିଜ ଉତ୍ପାଦିତ ଫସଲ ସୁବିଧାରେ ବିକ୍ରି କରି ଲାଭ ପାଉଛନ୍ତି।



ମୁଣ୍ଡେର ସପ୍ତାହିକ ବଜାର।

ସରପଞ୍ଚ ପଣ୍ଡା କହିଛନ୍ତି, ଭୌଗଳିକ ଦୃଷ୍ଟିରୁ ଝାଙ୍କରପାଲି ପଞ୍ଚାୟତର ପରିସୀମା ଅଧିକ। ପଞ୍ଚାୟତ ଅନ୍ତର୍ଗତ ହାତିବାରୀ ଗ୍ରାମରେ ଏକ ସପ୍ତାହିକ ବଜାର ବସୁଛି। ହେଲେ ମୁଣ୍ଡେର ଓ ଆଖପାଖ ଗ୍ରାମଠାରୁ ଉକ୍ତ ବଜାର ଦୂରତା ପ୍ରାୟ ୧୦ରୁ ୧୫ କି.ମି. ହେଉଥିବାରୁ ଚାଷୀ ଓ ଖାଉଟି ଅସୁବିଧାରେ ସମ୍ମୁଖୀନ ହେଉଥିଲେ। ତେଣୁ ଆଖପାଖ ଗ୍ରାମବାସୀ ଆଉ ଏକ ବଜାର ଖୋଲିବାକୁ ଦାବି କରିଥିଲେ। ଲୋକମାନଙ୍କ ସହ ଆଲୋଚନା କରି ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱ ମୁଣ୍ଡେର ଗ୍ରାମ ଛକରେ ଶୁକ୍ରବାର ବଜାର ଖୋଲିବାକୁ ସ୍ଥିର ହୋଇଥିଲା। ୧୯୬୦ ଦଶକରେ ଏହି ଗ୍ରାମରେ ସପ୍ତାହିକ ବଜାର ବସୁଥିଲା। ହେଲେ ୧୦୮୫ ମସିହାରେ କୌଣସି କାରଣରୁ ଏହା ବନ୍ଦ ହୋଇଯାଇଥିଲା। ଏବେ ପ୍ରାୟ ୧୪ ସପ୍ତାହ ହେବ ଏହି ବଜାର ଖୋଲିଛି। ମଧ୍ୟାହ୍ନ ୧୨ଟା ପରେ ବଜାର ଆରମ୍ଭ ହୋଇଥାଏ। ସ୍ଥାନୀୟ ଚାଷୀମାନଙ୍କ ଉତ୍ପାଦିତ ପନି ପରିବା ଏଠାରେ ବିକ୍ରି ହେଉଛି। ଏହାସହ ଡ୍ରେସ୍, କଂସା ଓ ଷ୍ଟିଲ ବାସନ, ଲୁହା ସାମଗ୍ରୀ, କିରାନା ସାମଗ୍ରୀ, ବାଉଁଶ ଓ ମାଟି ତିଆରି ଘର କରଣା ଜିନିଷ ବିକ୍ରି ହେଉଛି। ଆଖପାଖ ଗ୍ରାମବାସୀଙ୍କୁ ଆଉ ମାନେଶ୍ୱର କିମ୍ବା ହାତିବାରୀ ବଜାରକୁ ଯିବାକୁ ପଡୁ ନାହିଁ। ପ୍ରତି ସପ୍ତାହରେ ୬୦ରୁ ୭୦ ବ୍ୟବସାୟୀ ବ୍ୟବସାୟ କରିବାକୁ ଆସୁଛନ୍ତି। ସେମାନେ ମଧ୍ୟ ଭଲ ବ୍ୟବସାୟ ହେଉଥିବା କହୁଛନ୍ତି। ଏବେ କମିଟି ଦ୍ୱାରା ବଜାର ପରିଚାଳିତ ହେଉଛି। ଆଗାମୀ ଦିନରେ ଏଭଳି ବଜାର ଚାଲିରେ କମିଟି ପଞ୍ଚାୟତକୁ ହସ୍ତାନ୍ତର କରିବ। ପଞ୍ଚାୟତ ପକ୍ଷରୁ ଉକ୍ତ ବଜାରରେ ଭିତ୍ତିଭୂମିର ବିକାଶ କରାଯାଇ ରାଜସ୍ୱ ଆଦାୟ କରାଯିବ। ଏଥିରେ ପଞ୍ଚାୟତର ଆୟ ବଢ଼ିବ ବୋଲି ସେ କହିଥିଲେ। ଅନ୍ୟପଟେ କମିଟି ସଭାପତି ମାର୍କଣ୍ଡ ସାହୁ କହିଛନ୍ତି, ବାବୁପାଲି, ବ୍ରାହ୍ମଣପାଲି, ସାଧୁପଡା, ଅଷାଡୁପଡା, ଜାମଟାଲ, ଝାଙ୍କରପାଲି ଆଦି ପଞ୍ଚାୟତର ଚାଷୀମାନେ ନିଜ ଅମଳ ଫସଲ ବିକ୍ରି କରୁଛନ୍ତି। ଖାଉଟିମାନେ ମଧ୍ୟ ତାଜା ପରିବା ପାଇପାରୁଛନ୍ତି। ସ୍ଥାନୀୟ ସରପଞ୍ଚଙ୍କ ପ୍ରୟାସରେ ଏହା ସମ୍ଭବ ହୋଇପାରିଛି। ଏବେ ବଜାର ଭିତ୍ତିଭୂମି ବିକାଶ ସହ ଅତ୍ୟାବଶ୍ୟକ ପାନୀୟଜଳ, ଖରାଦିନେ ଛାଇ ବ୍ୟବସ୍ଥା କରିବାକୁ ସେ ଦାବି କରିଥିଲେ।

### ପକ୍ଷାଘାତ ରୋଗୀଙ୍କୁ ସହାୟତା

**ସମ୍ବଲପୁର,୧୦।୨(ବ୍ୟୁରୋ)**

ପକ୍ଷାଘାତ ରୋଗରେ ଆକ୍ରାନ୍ତ ରୋଗୀଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ସମ୍ବଲପୁର ବିଜୁ ଜନତା ଦଳର କର୍ମୀ। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ.୩୨ ଲଜପତ ରାୟ ଆଇନ ମହାବିଦ୍ୟାଳୟ ନିକଟ ବାସିନ୍ଦା ହେଉଛନ୍ତି ମହମ୍ମଦ ହାତୀମ ଅଲ୍ଲି। ଦୀର୍ଘ ୭ବର୍ଷ ହେବ ତାଙ୍କର ଗୋଟିଏ ଗୋଡ ପକ୍ଷାଘାତ ହୋଇଥିବାରୁ ସେ ଘରେ ପଡିରହିଛନ୍ତି। ସମ୍ବଲପୁରର ବିଜେଡ଼ି ନେତା ହରଦୀପ ସିଂ ଭୁଜ ତାଙ୍କ ପାଖରେ ପହଞ୍ଚି ସୁଖଦୁଃଖ ବୁଝିବା ସହ ଗୋଟିଏ ହୁଇଲ ଚେୟାର ପ୍ରଦାନ କରିଛନ୍ତି। ଏହି ସମୟରେ ବିଜେଡିର ସବିନୟ ପୂଜାରୀ, ପ୍ରଶାନ୍ତ ନାୟକ, ନବୀନ ପଣ୍ଡା, ହରିହର ପାଣି, ହରେକୃଷ୍ଣ ସରାଫ, ସୋନୁ ସିଂହ, ଲବ କଲେତ, ମହିଳା ନେତ୍ରୀ ଲିଲିମା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀଗୋବିନ୍ଦ ଗୋଶାଳାର ଭୂମି ପୂଜନ

**ରେଙ୍ଗାଲି,୧୦।୨(ଡି.ଏନ.ଏ.)**

ଏଣେତେଣେ ବୁଲୁଥିବା ଗୋରୁଙ୍କ ସେବା ତଥା ଗୋ ମାତା ସୁରକ୍ଷା ନିମନ୍ତେ ଶୁକ୍ରବାର ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ କାଶୀପାଲିଠାରେ ଶ୍ରୀଗୋବିନ୍ଦ ଗୋଶାଳାର ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ସ୍ୱାଧୀନ ଏକତା ସଂଗଠନର ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଭାଗବତ ପ୍ରବକ୍ତା ମହାରାଜ ଅଶୋକ ପଣ୍ଡା, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ରମାକାନ୍ତ ବିଶ୍ୱାଳ, ସ୍ୱାଧୀନ ଏକତା ସଂଗଠନ ସଭାପତି ରାଜୀବ ମିଶ୍ର, ସମ୍ପାଦକ ଦିବ୍ୟ କିଶୋର ସରାଫ, ରାମସେନାର ସଭାପତି ନିତିଶ ଅଗ୍ରୱାଲ, ସମ୍ପାଦକ ଅଭୟ ମହାରଣା ଉପସ୍ଥିତ ଥିଲେ। ସଂଗଠନର କୋଷାଧ୍ୟକ୍ଷ ରଜନୀ କାନ୍ତ ଶର୍ମା ପ୍ରମୁଖ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଏସ୍ ମିଶ୍ର ଓ ସଞ୍ଜୀବ ମିଶ୍ର ପୂଜାର୍ଚ୍ଚନା କରିଥିଲେ।

# ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକୋତ୍ସବ

**ନାକଟିଦେଉଳ,୧୦।୨(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ ଶୁକ୍ରବାର ଆୟୋଜିତ ହୋଇଯାଇଛି। ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ବିରଞ୍ଚି ଶଙ୍କର ସାହୁ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ ମୁଖ୍ୟଅତିଥି, ସ୍ନାତକ ମହାବିଦ୍ୟାଳୟ ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା ମୁଖ୍ୟବକ୍ତା ଓ ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ଜୋନ–୧ ଜିଲା ପରିଷଦ ସଦସ୍ୟା ଟିକେଶ୍ୱରୀ ମେହେର, ସମ୍ବଲପୁର ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରମୋଦ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ବୌଦ୍ଧିକ, ଶାରୀରିକ ଓ ମାନସିକ ବିକାଶ ଦିଗରେ ମା'ମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। କମିଟି ସମ୍ପାଦକ ମୁରଲୀଧର ଦାଶ ସ୍ୱାଗତ ଭାଷଣ ଓ ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପରିଚାଳନା କମିଟି କୋଷାଧ୍ୟକ୍ଷ ତରୁଣ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଶିଶୁମନ୍ଦିର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।





ବାର୍ଷିକୋତ୍ସରେ ମଞ୍ଚାସୀନ ଅତିଥିମାନେ।

# ଭିସୁଟ୍ ଛାତ୍ରଙ୍କ ସଫଳତା





ଭିଏସ୍‌ଏଲ୍‌ଭି ପ୍ରଦର୍ଶନ କରୁଛନ୍ତି ଛାତ୍ରମାନେ।

**ସମ୍ବଲପୁର,୧୦।୨(ବ୍ୟୁରୋ)**

ଅନ୍ତର୍ଜାତୀୟ ଆଲୁମିନିୟମ ସମ୍ମିଳନୀରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ଛାତ୍ରମାନେ ସଫଳତା ହାସଲ କରିଛନ୍ତି। ବେଦାନ୍ତ ଆଲୁମିନିୟମ ଦ୍ୱାରା ଚଳିତମାସ ୯ ଓ ୧୦ ତାରିଖରେ ଝାରସୁଗୁଡାଠାରେ ଆନ୍ତର୍ଜାତୀୟ ଆଲୁମିନିୟମ ସମ୍ମିଳନୀ (ଆଇଏସି–୨୦୨୩) ଆୟୋଜିତ ହୋଇଯାଇଛି। ଦୁଇଦିନିଆ ଏହି କାର୍ଯ୍ୟକ୍ରମରେ ଭାରତକୁ ବିଶ୍ୱର ଆଲୁମିନିୟମ ରାଜଧାନୀ କରିବା ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ଏଥିରେ ବୁର୍ଲାରୁ ଭିସୁଟ୍ ଷ୍ଟୁଡେଣ୍ଟ ଲଞ୍ଚ ଭେଇକିଲ (ଭିଏସ୍‌ଏଲ୍‌ଭି) ମଧ୍ୟ ପ୍ରଦର୍ଶିତ ହୋଇଥିଲା। ବି–ଟେକ ଶେଷବର୍ଷର ଛାତ୍ର ଶୁଭମ ବେହେରା ଓ ସିଦ୍ଧାନ୍ତ ରାଉତ ସେଠାରେ ଏହି ପ୍ରକଳ୍ପ ଉପରେ ନିଜର ବକ୍ତବ୍ୟ ରଖି ପ୍ରଶଂସା ସାଉଁଟିଥିଲେ। ପୂର୍ବତନ ଛାତ୍ର ଶୁଭମ କର ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ଏକ ଅଂଶବିଶେଷ ହୋଇଥିବାରୁ ଛାତ୍ରୀଛାତ୍ର ଗର୍ବିତ ବୋଲି କହିଛନ୍ତି।

### ମା' ବସ୍ତରେନ ମାଉଲିଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା

**କୋକସରା,୧୦।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସାନପୋଡାଗୁଡା ଗ୍ରାମପଞ୍ଚାୟତ ଅଧୀନ କୁଲେରଗୁଡାଠାରେ ଆରାଧ୍ୟ ଦେବୀ ମା' ବସ୍ତରେନ ମାଉଁଲିଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା ପାଳିତ ହୋଇଯାଇଛି। ଏହି ଯାତ୍ରାରେ ଗୋତୋମୁଣ୍ଡା, ଡେଙ୍ଗାଗୁଡା, ସାନପୋଡାଗୁଡା, ଖଳିଗଡ, ନେଗୀଗୁଡା ସମେତ ବିଭିନ୍ନ ଗ୍ରାମର ନିମନ୍ତ୍ରିତ ଦେବଦେବୀମାନଙ୍କ ଲାଠି, କାଳସି ସାମିଲ ହେବା ପରେ ପୂଜା ଆରମ୍ଭ ହୋଇଥାଏ। ପ୍ରଥମେ ପାରମ୍ପରିକ ନୀତିରେ ପୂଜା ହୋଇ ମନ୍ଦିର ବେଢ଼ାକୁ ଦେବଦେବୀଙ୍କ ଲାଠି କାଳସି ପରିକ୍ରମା କରି ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ଏହି ସମୟ ମଧ୍ୟରେ ଭକ୍ତମାନେ ଦେବଦେବୀଙ୍କୁ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରି ନିଜ ତଥା ନିଜ ପରିବାର ମଙ୍ଗଳ କାମନା କରିଥିଲେ। ପରେ ଦେବଦେବୀଙ୍କ ଲାଠି, କାଳସି ମନ୍ଦିର ନିକଟ କଣ୍ଟା ଦୋଳିରେ ଝୁଲିଥିଲେ। ମା' ବସ୍ତେରେନ ମାଉଁଲିଙ୍କ ସହିତ ପାର୍ଶ୍ୱ ଦେବଦେବୀ ଭିମା, ପୁଖାରୀବୁଢ଼ା, ଜାନୀଢୁମା ଦେବଦେବୀଙ୍କ ନିକଟରେ ମାନସିକଧାରୀ ଭକ୍ତମାନେ ଶୁକ୍ଳ ଭୋଗ ସହିତ ରକ୍ତ ଭୋଗ ବଳି ଦେଇଥିଲେ। ଏହି ମାଘ ମଣ୍ଡେଇ ଯାତ୍ରା ପାଳନ କଲେ ଅଞ୍ଚଳର ଲୋକେ ସୁଖରେ ଜୀବନ ଯାପନ କରନ୍ତି ବୋଲି ଲୋକଙ୍କ ବିଶ୍ୱାସ ରହିଛି।

# ଗୁରୁ ବିଷ୍ଣୁପ୍ରସାଦ ପ୍ରଧାନଙ୍କ ଜନ୍ମ ଶତବାର୍ଷିକୀ

**ସମ୍ବଲପୁର,୧୦।୨(ବ୍ୟୁରୋ)**

**୨୫ ପୁରାତନ ଶିକ୍ଷକ ସମ୍ମାନିତ**

ରାଜ୍ୟ ପ୍ରାଥମିକ ଶିକ୍ଷକ ଫେଡେରେଶନର ପୁରୋଧା ତଥା ଶିକ୍ଷାବିତ୍ ଗୁରୁ ବିଷ୍ଣୁପ୍ରସାଦ ପ୍ରଧାନଙ୍କ ଜନ୍ମ ଶତବାର୍ଷିକୀ ଶୁକ୍ରବାର ସମ୍ବଲପୁର ମୁଦିପଡା ଏମ୍‌ଇ ସ୍କୁଲ ପ୍ରାଙ୍ଗଣରେ ଉଦ୍‌ଘାଟିତ ହୋଇଛି। ଜନ୍ମ ଶତବାର୍ଷିକୀ କମିଟି ଉପସଭାପତି ବେଣୁମାଧବ ପଣ୍ଡାଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାଶଙ୍କ ସଂଯୋଜନାରେ ସମାରୋହ ହୋଇଥିଲା। ସମ୍ବଲପୁର ମହାନିଗର ନିଗମ ଆୟୁକ୍ତ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତ ବିଷ୍ଣୁ ପ୍ରସାଦଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ୨୫ଜଣ ପୁରାତନ ଶିକ୍ଷକ ସହକର୍ମୀଙ୍କୁ ସମ୍ମାନିତ କରାଯାଇଥିଲା। ଗୁରୁ ବିଷ୍ଣୁଙ୍କ ଆବକ୍ଷ ପ୍ରତିମୂର୍ତ୍ତି ପ୍ରତିଷ୍ଠା, ସ୍କୁଲ ନାମକରଣ, ସ୍ମରଣିକା ପ୍ରକାଶନ, ଶିକ୍ଷକ ଗୁରୁଗୌରବ ସମ୍ମାନ ସମାରୋହ, ସ୍କୁଲର ପ୍ଲାଟିନମ ଜୁବିଲି ପାଳନ ପ୍ରସ୍ତାବ ବିଷୟରେ ଆଲୋଚନା କରାଯାଇଥିଲା। ସଂଗଠନ ସମ୍ପାଦକ କାର୍ତ୍ତିକ ପ୍ରସାଦ ବହିଦାର ସ୍ୱାଗତ ଭାଷଣ ଓ ଉପସଭାପତି ଡା. ମହେନ୍ଦ୍ର ନନ୍ଦ ଅତିଥି ପରିଚୟ ଦେଇଥିଲେ। ସ୍କୁଲର ପୁରାତନ ଛାତ୍ର ଅଶୋକ ପ୍ରଧାନ, ବୌଦ୍ଧର ନେତ୍ରାନନ୍ଦ ପ୍ରଧାନ, ବରଗଡର ଭଗବାନ ପ୍ରଧାନ, ଚକ୍ରଧର ପାଣିଗ୍ରାହୀ, ଗୋଲକ ଚନ୍ଦ୍ର ପାଢ଼ୀ ଓ ଭାଗୀରଥି ପ୍ରଧାନ ପ୍ରମୁଖ ଗୁରୁ ବିଷ୍ଣୁପ୍ରସାଦଙ୍କ ସ୍ମୃତିଚାରଣ କରିଥିଲେ।





ସମାରୋହରେ ଅତିଥି, କର୍ମକର୍ତ୍ତା ଓ ସମ୍ମାନିତ ଶିକ୍ଷକମାନେ।

# ସମଲେଶ୍ୱରୀ ମନ୍ଦିରର ରତ୍ନମୁଦ ଉତ୍ସବ



ଉତ୍ସବରେ ବିଧାୟିକାଙ୍କ ସହ ଅନ୍ୟମାନେ।

**ବ୍ରଜରାଜନଗର,୧୦।୨(ଡି.ଏନ.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ଭିକାମପାଲି ଗ୍ରାମପଞ୍ଚାୟତର ଚିଖିଲାପାଲି ଗ୍ରାମଠାରେ ମା' ସମଲେଶ୍ୱରୀ ମନ୍ଦିର ରତ୍ନମୁଦ (କୁମ୍ଭ ଭରା) ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟିକା ଅଲକା ମହାନ୍ତି ଯୋଗଦେଇ ଅଞ୍ଚଳର ସୁଖ, ଶାନ୍ତି, ସମୃଦ୍ଧି ପାଇଁ ମା' ସମଲେଶ୍ୱରୀଙ୍କଠାରେ ପ୍ରାର୍ଥନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ଜିଲା ପରିଷଦ ସଦସ୍ୟ ସନତ ସିଂ, ଭିଖମପାଲି ସମିତିସଭ୍ୟା ବବିତା ମହାପାତ୍ର, ଜିଲା ବିଜେଡି ସମ୍ପାଦକ ପ୍ରମୋଦ ଗଡତିଆ, ବରିଷ୍ଠ ସଦସ୍ୟ ଶେଷଦେବ ସାହୁ, ବ୍ଲକ ବିଜେଡି ଯୁବ ସଭାପତି ନରେଶ ଖମାରୀ, ଗ୍ରାମପଞ୍ଚାୟତ ଯୁବ ସଭାପତି ଦେବଦତ୍ତ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ସାଲେଭାଡି ହାଇସ୍କୁଲର ୨୪ତମ ବାର୍ଷିକୋତ୍ସବ

**କୁଚିଣ୍ଡା,୧୦।୨(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ସାଲେଭାଡିସ୍ଥିତ ରାହାସ ବିହାରୀ ହାଇସ୍କୁଲର ୨୪ତମ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଚନ୍ଦ୍ରହାସ କର୍ଣ୍ଣ ସଭାପତିତ୍ୱ କରି ବାର୍ଷିକ ବିବରଣୀ ପଠନ କରିଥିଲେ। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ସମ୍ବଲପୁର ଜିଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ମୁଖ୍ୟବକ୍ତା, ଜିଲାପରିଷଦ ସଦସ୍ୟ ଦିବ୍ୟରାଜ କିଷାନ, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ସରପଞ୍ଚ ଧନୁର୍ଜୟ ନାଏକ, ସମିତି ସଭ୍ୟ ସନ୍ତୋଷ ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୌରାଙ୍ଗ କୁସୁମ, ହାଇସ୍କୁଲର ପରିଚାଳନା କମିଟି ସଭାପତି ରବିନାରାୟଣ ପଟେଲ, ଚନ୍ଦନୀମାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ କମଲଲୋଚନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭଲପାଠ ପଢି ସୁନାମ ଅର୍ଜନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷକ ଭୈରବ କୁମାର ସାହୁ ସଭା ପରିଚାଳନା କରିଥିବା ବେଳେ ସଂସ୍କୃତ ଶିକ୍ଷକ ପ୍ରଦୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିଗଣ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ବାର୍ଷିକୋତ୍ସରେ ମଞ୍ଚାସୀନ ଅତିଥିମାନେ।

# କେନ୍ଦୁପତ୍ର ତୋଳାଳି ପରିବାର ଛାତ୍ରୀଛାତ୍ର ପାଇବେ ବୃତ୍ତି

**ସମ୍ବଲପୁର,୧୦।୨(ବ୍ୟୁରୋ)**

କେନ୍ଦୁପତ୍ର ତୋଳାଳିଙ୍କ ପରିବାରର ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ସ୍ୱାଗତଯୋଗ୍ୟ। ଏହି ଘୋଷଣା ପରେ ସେ ଦିଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଶୁକ୍ରବାର କେନ୍ଦୁପତ୍ର ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି ଡିଡବ୍ଲ୍ୟୁଓ କାର୍ଯ୍ୟାଳୟରେ ସମୀକ୍ଷା କରିଛନ୍ତି। କେନ୍ଦୁପତ୍ର ତୋଳାଳି ପରିବାରର ଛାତ୍ରୀଛାତ୍ରଙ୍କୁ ପୁନର୍ବାର ଛାତ୍ର ବୃତ୍ତି ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ନଭେମ୍ବର ୨୩ରେ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ୨୦୧୭–୧୮ ଓ ୨୦୧୮–୧୯ରେ କେନ୍ଦୁପତ୍ର ତୋଳାଳି ପରିବାରର ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଶିକ୍ଷାବୃତ୍ତି ପ୍ରଦାନ କରାଯାଉଥିଲା। କିନ୍ତୁ ୨୦୧୯ ପରବର୍ଷରୁ ଏହା ବନ୍ଦ ହୋଇଯାଇଥିଲା। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଏହାର ପୁନଃ ପ୍ରଚଳନ ପାଇଁ ଆନ୍ଦୋଳନ କରିଆସୁଥିଲା। ଗତ ନଭେମ୍ବର ମାସରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଏହିଦିଗରେ କି ପଦକ୍ଷେପ ନିଆଯାଇଛି ସେ ଦିଗରେ କେନ୍ଦୁପତ୍ର ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ଶୁକ୍ରବାର ଡିଡବ୍ଲ୍ୟୁଓ ଭାଗୀରଥି ପଟେଲଙ୍କ ସହିତ ଆଲୋଚନା କରିଛନ୍ତି। ଇତିମଧ୍ୟରେ ସମ୍ବଲପୁର ଜିଲା ଅନ୍ତର୍ଗତ ତିନୋଟି କେନ୍ଦୁପତ୍ର ଡିଭିଜନ ଯଥା କୁଚିଣ୍ଡା, ରେଢ଼ାଖୋଲ, ସମ୍ବଲପୁର କେନ୍ଦୁପତ୍ର ସଂସ୍ଥା ଡିଏଫ୍‌ଓଙ୍କ ସହ ସ୍ୱତନ୍ତ୍ର ବୈଠକ ହୋଇଯାଇଛି। ଶିକ୍ଷାବୃତ୍ତି ଆବେଦନ ଓ କେନ୍ଦୁପତ୍ର ସଂସ୍ଥା ପକ୍ଷରୁ ତୃଣମୂଳ ସ୍ତରରେ ଏହାର ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନିଆଯାଇଛି। ଗତ ଶିକ୍ଷାବର୍ଷରେ ଜିଲାରେ ୨୦୦୨୫ ଜଣ ଦଳିତ, ଆଦିବାସୀ, ପଛୁଆବର୍ଗର ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ କରାଯାଇଥିବା ବେଳେ ଚଳିତ ଶିକ୍ଷାବର୍ଷରେ ବର୍ତ୍ତମାନ ପର୍ଯ୍ୟନ୍ତ ୧୩୯୮୪ ଶିକ୍ଷାବୃତ୍ତି ପାଇଁ ଆବେଦନ କରିସାରିଲେଣି। ଶିକ୍ଷାବୃତ୍ତିର ପୁନଃ ପ୍ରଚଳନ ଯୋଗୁ ସାରା ରାଜ୍ୟରେ ଲକ୍ଷାଧିକ କେନ୍ଦୁପତ୍ର ତୋଳାଳି ପରିବାରର ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ମହାନ୍ତି ପ୍ରକାଶ କରିଛନ୍ତି। ଏଥିସହ କିପରି ଅଧିକ ତୋଳାଳି କର୍ମଚାରୀ ଏ ଦିଗରେ ଜାଣିପାରିବେ ସେ ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

**ଡିଡବ୍ଲ୍ୟୁଓ କାର୍ଯ୍ୟାଳୟରେ କେନ୍ଦୁପତ୍ର ୱେଲଫେୟାର ବୋର୍ଡ ଉପଦେଷ୍ଟାଙ୍କ ସମୀକ୍ଷା**



ଡିଡବ୍ଲ୍ୟୁଓଙ୍କ ସହ ଆଲୋଚନା କରୁଛନ୍ତି ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି।

# ୟୁପିରେ ୭୫,୦୦୦ କୋଟି ନିବେଶ କରିବ ରିଲାଏନ୍ସ

ନୂଆଦିଲ୍ଲୀ,୧୦।୨


ମୁକେଶ ଅମ୍ବାନୀ

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ଆର୍‌ଆଇଏଲ୍)ର ଅଧକ୍ଷ ମୁକେଶ ଅମ୍ବାନୀ ଶୁକ୍ରବାର ଉତ୍ତର ପ୍ରଦେଶରେ ୭୫,୦୦୦ କୋଟି ଟଙ୍କା ନିବେଶ ସମ୍ପର୍କରେ ଘୋଷଣା କରିଛନ୍ତି। ଏହାଦ୍ୱାରା ପ୍ରାୟ ୧ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହେବା ସମ୍ଭାବନା ରହିଛି। ଏପରିକି ୟୁପିର ଲକ୍ଷ୍ନୌଠାରେ ଆୟୋଜିତ 'ଉତ୍ତର ପ୍ରଦେଶ ଗ୍ଲୋବାଲ ଇନ୍‌ଭେଷ୍ଟର୍ସ ସମିଟ୍'ରେ ଯୋଗଦେଇ ମୁକେଶ କହିଛନ୍ତି, ଆଗାମୀ ୫ ବର୍ଷ ମଧ୍ୟରେ ୟୁପିର ଅର୍ଥନୀତି ୧ ଟ୍ରିଲିଅନ ଡଲାରରେ ପହଞ୍ଚିବ। ସେହିଭଳି ରିଲାଏନ୍ସ ଉତ୍ତର ପ୍ରଦେଶରେ ୧୦ଗିଗାୱାଟ୍‌ର ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ସ୍ଥାପନ କରିବ। ଏହା ଉତ୍ତର ପ୍ରଦେଶରେ ଏ ପର୍ଯ୍ୟନ୍ତ ସବୁଠାରୁ ବଡ଼ ଅକ୍ଷୟ ଶକ୍ତି ପରି ଯୋଜନା ହେବ। ବିଶେଷକରି ଆର୍‌ଆଇଏଲ୍ ୟୁପିରେ ବାୟୋଗ୍ୟାସ୍ ବ୍ୟବସାୟ କରିବା ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଆର୍‌ଆଇଏଲ୍‌ର ଅଧକ୍ଷ ମୁକେଶ କହିଛନ୍ତି, ବାୟୋଗ୍ୟାସ୍ ଦ୍ୱାରା ପରିବେଶରେ ସୁଧାର ଆସିବ। ତାହା ସହିତ କୃଷକମାନଙ୍କୁ ମଧ୍ୟ ବଡ଼ ଲାଭ ମିଳିବ। ଆମ ଦେଶର କୃଷକମାନେ ଅନ୍ନଦାତା। ବର୍ତ୍ତମାନ ସେମାନେ ଉର୍ଜାଦାତା ପାଲଟିବେ। ଏପରିକି ରାଜ୍ୟର ଗାଁ ଏବଂ ଛୋଟ ସହରଗୁଡ଼ିକରେ ଗୁଣାତ୍ମକ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଯୋଗାଣ ପାଇଁ ରିଲାଏନ୍ସ ଜିଓ ପ୍ଲାଟ୍‌ଫର୍ମ ଜରିଆରେ ଦୁଇଟି ପାଇଲଟ ପ୍ରକଳ୍ପ 'ଜିଓ ସ୍କୁଲ' ଏବଂ 'ଜିଓ-ଏଆଇ-ଡାକ୍ତର' ସମ୍ପର୍କରେ ମଧ୍ୟ ସେ ଘୋଷଣା କରିଛନ୍ତି। ଏହା ସହିତ ଉତ୍ତର ପ୍ରଦେଶର କୃଷି ଏବଂ ଅଣକୃଷି ଉତ୍ପାଦ ସଂଗ୍ରହ ପରିମାଣ ବହୁଗୁଣ ବୃଦ୍ଧି କରିବାକୁ ମୁକେଶ ନିଜର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରକାଶ କରିଛନ୍ତି। ଏହାଦ୍ୱାରା କୃଷକ, ସ୍ଥାନୀୟ କାରିଗର, ଶିଳ୍ପକାର ଏବଂ ଛୋଟ ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଫାଇଦା ମିଳିବ। ସେହିପରି ମୁକେଶ ଅମ୍ବାନୀ ୨୦୨୩ ଶେଷ ସୁଦ୍ଧା ଉତ୍ତର ପ୍ରଦେଶର ସମସ୍ତ ସହରରେ ୫ଜି ସେବା ପ୍ରଚଳନ କରିବା ସମ୍ପର୍କରେ ମଧ୍ୟ ମତ ପ୍ରକାଶ କରିଛନ୍ତି। ସେ କହିଥିଲେ, ନୂଆ ଭାରତ ଗଠନ ନିମନ୍ତେ ଉତ୍ତର ପ୍ରଦେଶ ଆଶାର କେନ୍ଦ୍ର ପାଲଟିଯାଇଛି। ବିଶେଷକରି ନଏଡାରୁ ଗୋରଖପୁର ପର୍ଯ୍ୟନ୍ତ ଜନସାଧାରଣଙ୍କ ମଧ୍ୟରେ ଢେର ଆତ୍ମବିଶ୍ୱାସ ଓ ଉତ୍ସାହ ଦେଖିବାକୁ ମିଳୁଛି। ଆମେ ସମସ୍ତେ ସମ୍ମିଳିତ ଭାବେ ଭାରତର ସବୁଠାରୁ ଜନବହୁଳ ରାଜ୍ୟକୁ ଦେଶର ସବୁଠାରୁ ସମୃଦ୍ଧ ରାଜ୍ୟ ମଧ୍ୟରେ ଅନ୍ୟତମରେ ପରିଣତ କରିବା।

## ନାଲ୍‌କୋର ୩ୟ ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୧୦।୨

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଶୁକ୍ରବାର ଭୁବନେଶ୍ୱରଠାରେ ଅନୁଷ୍ଠିତ କମ୍ପାନୀର ବୋର୍ଡସ୍ତରୀୟ ବୈଠକରେ ଉପସ୍ଥାପିତ ଆର୍ଥିକ ଫଳାଫଳ ଅନୁସାରେ କମ୍ପାନୀ ୨୦୨୨-୨୩ ଆର୍ଥିକ ବର୍ଷର ୩ୟ ତ୍ରୈମାସରେ ୨୭୪ କୋଟି ଟଙ୍କା ଲାଭ କରିଥିଲାବେଳେ ଗତ ତ୍ରୈମାସରେ କମ୍ପାନୀର ଲାଭ ୧୭୦ କୋଟି ଟଙ୍କା ଥିଲା। ଚଳିତ ତ୍ରୈମାସରେ ନେଟ୍ ବିକ୍ରୟ କାରବାର ୩୨୯୦ କୋଟି ଟଙ୍କା ହୋଇଥିଲା। ଏ ସମ୍ପର୍କରେ କମ୍ପାନୀର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର କହିଛନ୍ତି, ବିଶ୍ୱସ୍ତରରେ ଆଲୁମିନିୟମ ମୂଲ୍ୟରେ ଅଭିବୃଦ୍ଧି ଓ ବର୍ଦ୍ଧିତ ଉତ୍ପାଦନ ପରିମାଣ ସହିତ ଆଗାମୀ ତ୍ରୈମାସଗୁଡ଼ିକରେ କମ୍ପାନୀ ଆଶାନୁରୂପ ଲାଭ ଅର୍ଜନ କରିବ।

## ଜାମକାନି କୋଇଲା ଖଣିରେ ଖନନ କାର୍ଯ୍ୟ ଆରମ୍ଭ



ଭୁବନେଶ୍ୱର,୧୦।୨

ଦେଶର ପ୍ରମୁଖ ଘରୋଇ କମ୍ପାନୀ ବେଦାନ୍ତ ଗ୍ରୁପ୍‌ର ନିଳାମାଧୀନ ସୁନ୍ଦରଗଡ଼ ଜାମକାନି କୋଇଲା ଖଣି କେତେକ ସ୍ଥାନୀୟ କାରଣ ପାଇଁ ଖନନ ହୋଇପାରୁ ନ ଥିଲା। ଏପରିକି ଖଣି ଖନନ ସ୍ଥଳରେ ସ୍ଥାନୀୟ ବାସିନ୍ଦା ଦୀର୍ଘଦିନ ହେବ ଆନ୍ଦୋଳନ କରିଆସୁଥିଲେ। ହେଲେ ଶୁକ୍ରବାର ଉକ୍ତ ଆନ୍ଦୋଳନ ସ୍ଥଳରେ ବିସ୍ଥାପିତମାନଙ୍କ ଦାବି ନେଇ କମ୍ପାନୀ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଏବଂ ବିସ୍ଥାପିତ ଗ୍ରାମବାସୀଙ୍କ ମଧ୍ୟରେ ଏକ ଆଲୋଚନା ସଭା ସଫଳ ଭାବେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଉଭୟ ପକ୍ଷର ବିଭିନ୍ନ ଦାବି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏକ ସୁସ୍ଥ ବାତାବରଣରେ ସମସ୍ତଙ୍କ ସହମତିରେ ଚୁକ୍ତିନାମା କରାଯାଇ ଆନ୍ଦୋଳନ ପ୍ରତ୍ୟାହାର କରିବା ସହ ଖଣି କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ, ଏଡିଏମ୍ ଅଭିମନ୍ୟୁ ବେହେରା, ଉପଜିଲାପାଳ ଦାଶରଥି ସରାବୋ, ବେଦାନ୍ତ ମାଇନିଂର ସିଇଓ ଭି.ଶ୍ରୀକାନ୍ତ, ଜମି ଏବଂ ଆଇନ ବିଭାଗର ମୁଖ୍ୟ ନୱାଲ ଶର୍ମା, ବାହ୍ୟ ସମ୍ପର୍କ ବିଭାଗ ମୁଖ୍ୟ ପ୍ରଣୟ ଶତପଥୀଙ୍କ ସମେତ ସୁନ୍ଦରଗଡ଼ ସାଂସଦଙ୍କ ପ୍ରତିନିଧି ବଟ କିଶୋରେ ମିଶ୍ର ଏବଂ ମେଣ୍ଡରା, ଜାମକାନି, ଗିରିଶିମା ଓ ଝରପଲ ଆଦି ଗ୍ରାମର ୧୫ ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି କରାଉଛି ଜେଏନ୍‌ଟିଭିଟିଆଇ

ଭୁବନେଶ୍ୱର,୧୦।୨

ସୁବର୍ଣ୍ଣରେଖା ବନ୍ଦର ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ପିପିଏଲ୍) ପକ୍ଷରୁ ଜେଏନ୍ ଟାଟା ଧନ୍ଦାମୂଳକ ତାଲିମ ପ୍ରତିଷ୍ଠାନ (ଜେଏନ୍‌ଟିଭିଟିଆଇ)ର ୧୭ଜଣ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତିଭିତ୍ତିକ ତାଲିମ ପାଇଁ ଜାମଶେଦପୁର ପଠାଯାଇଛି। ଏପରିକି ସମସ୍ତ ୧୭ ଜଣ ପ୍ରଶିକ୍ଷାର୍ଥୀ ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ର ବୋଲି ଜଣାପଡ଼ିଛନ୍ତି। ସେମାନେ ଜେଏନ୍‌ଟିଭିଟିଆଇ ବାଲିଆପାଳଠାରେ ସାଇଟ୍‌ସେଫ୍‌ଟିସର୍ଭେୟର ପାଠ୍ୟକ୍ରମରେ ପାଠ ପଢୁଥିଲେ। ସେହିଭଳି ଏହି ପ୍ରଶିକ୍ଷାର୍ଥୀମାନେ ନିଜ ଶ୍ରେଣୀଗୃହ ତାଲିମ ଶେଷ କରିଛନ୍ତି। ଏପରିକି ବର୍ତ୍ତମାନ ସେମାନେ ଜାମଶେଦପୁରଠାରେ ନିଯୁକ୍ତିଭିତ୍ତିକ ତାଲିମ ଗ୍ରହଣ କରିବେ। ଉଲ୍ଲେଖଯୋଗ୍ୟ, ପୂର୍ବ ବ୍ୟାଚ୍‌ର ୧୬ଜଣ ଛାତ୍ରୀଛାତ୍ର ନିକଟରେ ସେମାନଙ୍କ ତାଲିମ ଶେଷକରି ସଫଳତାର ସହ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ପାଇଛନ୍ତି। ଏପରିକି ସ୍ଥାନୀୟ ଯୁବତୀଯୁବକମାନଙ୍କ ନିଯୁକ୍ତି ହାସଲ କରିବା କ୍ଷମତାକୁ ବଢ଼ାଇବା ଲାଗି ସେମାନଙ୍କ ଦକ୍ଷତା ବିକାଶ ଉପରେ ଜେଏନ୍‌ଟିଭିଟିଆଇ ଗୁରୁତ୍ୱ ଦେବା ପାଇଁ ଏସ୍‌ପିପିଏଲ୍ ନିରନ୍ତର ଉଦ୍ୟମ ଜାରି ରଖିଛି। ଏହାକୁ ଦୃଷ୍ଟିରେ ରଖି ଏସ୍‌ପିପିଏଲ୍ ପ୍ରକଳ୍ପ ଆଖପାଖ ଅଞ୍ଚଳର ସ୍ଥାନୀୟ ଲୋକମାନଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବା ଲାଗି ବାଲିଆପାଳଠାରେ ଜେଏନ୍‌ଟିଭିଟିଆଇର ଏକ କେନ୍ଦ୍ର ଖୋଲାଯାଇଥିଲା। ସମାଜର ସାମଗ୍ରିକ ବିକାଶ ପାଇଁ ଏସ୍‌ପିପିଏଲ୍ ପ୍ରତିବଦ୍ଧ ରହିଛି। ତେଣୁ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଉକ୍ତ କାର୍ଯ୍ୟକ୍ରମ ଓ ପଦକ୍ଷେପ ବେଶ୍ କାର୍ଯ୍ୟକାରୀ କରୁଛି।

## ବିଏମ୍‌ସି ପକ୍ଷରୁ 'କ୍ଲୋଜ୍ ଦି କେୟାର ଗ୍ୟାପ୍' ଅଭିଯାନ

ଭୁବନେଶ୍ୱର,୧୦।୨



ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ବେଦାନ୍ତ ଗ୍ରୁପ୍‌ର ହେଲ୍‌ଥ ୟୁନିଟ୍ ବାଲ୍‌କୋ ମେଡିକାଲ ସେଣ୍ଟର (ବିଏମ୍‌ସି)ର କ୍ୟାନ୍‌ସର ଡିପାର୍ଟମେଣ୍ଟ ପକ୍ଷରୁ ବିଶ୍ୱ କର୍କଟ ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'କ୍ଲୋଜ୍ ଦି କେୟାର ଗ୍ୟାପ୍' ଶୀର୍ଷକ ଅଭିଯାନର ଶୁଭାରମ୍ଭ କରାଯାଇଛି। ଉକ୍ତ ଅଭିଯାନ ଜରିଆରେ ରୋଗୀଙ୍କୁ ଆଗାମୀ ଦିନରେ ସଚେତନତା କରାଇବା ସହ କର୍କଟଠାରୁ କିଭଳି ମୁକ୍ତି ପାଇପାରିବା ବା ରୋଗ ସହ ଲଢ଼ିବାର କୌଶଳ ବିଷୟରେ ଅବଗତ ହେବା ସେ ବିଷୟରେ ବ୍ୟାପକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏ ସମ୍ପର୍କରେ ବିଏମ୍‌ସିର ଚେୟାରମ୍ୟାନ ଜ୍ୟୋତି ଅଗ୍ରୱାଲ କହିଛନ୍ତି, ଦେଶବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ସ୍ୱାସ୍ଥ୍ୟର ରକ୍ଷଣାବେକ୍ଷଣ ପାଇଁ ଆମେ ଅଧିକ ସକ୍ରିୟ ପଦକ୍ଷେପ ଗ୍ରହଣ କରୁଛୁ। ଏପରିକି ବାଲ୍‌କୋ ମେଡିକାଲ ଜରିଆରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଛି ବୋଲି ସେ ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଛତିଶଗଡ଼ର ରାୟପୁରଠାରେ ବିଏମ୍‌ସିର ଏକ ୧୭୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ଚିକିତ୍ସା କେନ୍ଦ୍ର ଅବସ୍ଥିତ। ଚଳିତବର୍ଷ କ୍ଲୋଜ୍ ଦି କେୟାର ଗ୍ୟାପ୍'ର ବିଷୟବସ୍ତୁ ଉପରେ ଉକ୍ତ ରୋଗର ନିରାକରଣ ପାଇଁ ବାଲ୍‌କୋ ମେଡିକାଲ କେନ୍ଦ୍ର ପକ୍ଷରୁ ଏକ ୱେବିନାର ଆୟୋଜନ କରାଯାଇଥିଲା। ଅପରପକ୍ଷରେ ଅନୀଲ ଅଗ୍ରୱାଲ ଫାଉଣ୍ଡେଶନ ଏବଂ ବେଦାନ୍ତ ମେଡିକାଲ ରିସର୍ଚ୍ଚ ଫାଉଣ୍ଡେଶନର ମିଳିତ ସହଯୋଗରେ ବିଏମ୍‌ସି ଅନେକ ପ୍ରକାର ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରିଛି। ଏପରିକି ଲୋକଙ୍କୁ ଯଥା ସମୟରେ ପ୍ରତିଷେଧକ ଯାଞ୍ଚ ତଥା ରୋଗ ହ୍ରାସ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇପାରିବ।

## ଇନ୍‌ଷ୍ଟା ଲୋନ୍ ପ୍ରଦାନରେ ଏଲ୍‌ଟିଏଫ୍‌ଏସ୍‌ର ଅଭିବୃଦ୍ଧି

ଭୁବନେଶ୍ୱର,୧୦।୨

ଗତ କିଛି ମାସ ହେବ ଇନ୍‌ଷ୍ଟା ଲୋନ୍ ପ୍ରଦାନ କ୍ଷେତ୍ରରେ ଏଲ୍ ଆଣ୍ଡ ଟି ଫାଇନାନସିଆଲ ସର୍ଭିସେସ୍ (ଏଲ୍‌ଟିଏଫ୍‌ଏସ୍)ର ଦମ୍‌ଦାର ଅଭିବୃଦ୍ଧି ଦେଖିବାକୁ ମିଳିଛି। ଏହା ଏକ ଗ୍ରାହକ କୈନ୍ଦ୍ରିକ ରିଟେଲ ଫାଇନାନ୍ସ କମ୍ପାନୀ ଭାବେ ଆକର୍ଷଣୀୟ ବୃଦ୍ଧି ଘଟାଇପାରିଛି। ଏପରିକି ୨୦୨୨ ସେପ୍ଟେମ୍ବରରେ ଏଲ୍‌ଟିଏଫ୍‌ଏସ୍‌ର ଉକ୍ତ ସେବା ଆରମ୍ଭ ହେବା ଦିନଠାରୁ ଲୋକପ୍ରିୟତା ହାସଲ କରିଛି। ସେହିଭଳି ଇନ୍‌ଷ୍ଟା ଲୋନ୍ ପ୍ରଦାନ କ୍ଷେତ୍ରରେ ମଜଭୁତ ଅଭିବୃଦ୍ଧି ସହ ୨୦୨୩ ଜାନୁୟାରୀ ଶେଷସୁଦ୍ଧା ଏହା ୯୧.୪ କୋଟି ଟଙ୍କାରେ ପହଞ୍ଚିଛି, ଯାହା ୨୦୨୨ ଅକ୍ଟୋବର ଶେଷ ସୁଦ୍ଧା ୨୨କୋଟି ଟଙ୍କା ଥିଲା। ଏହି ବର୍ଗରେ ଗ୍ରାହକ ଋଣ ଆବେଦନ କରିବାର ୭ମିନିଟ୍ ମଧ୍ୟରେ ସମସ୍ତ ପଦ୍ଧତିଗତ ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯାଇଥାଏ। ଏହାଦ୍ୱାରା ଉନ୍ନତର ଟର୍ନ ଆରାଉଣ୍ଡ ଟାଇମ (ଟିଏଟି) ସହଜ ଓ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ବ୍ୟବସ୍ଥା ଉପଲବ୍ଧ ହୋଇଥାଏ। ଏହା ଋଣ ଉତ୍ପାଦ ନିମନ୍ତେ ଏକ ଗ୍ରାହକଙ୍କୁ ଉପଯୁକ୍ତ ମୂଲ୍ୟ ପ୍ରଦାନ କରିଥାଏ। ଏପରିକି ଗ୍ରାହକମାନେ ୫୦,୦୦୦ ଟଙ୍କାରୁ ୭ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ। ସେଥିପାଇଁ ପରିଶୋଧ ସମୟ ୧୨ରୁ ୪୮ ମାସ ରହିଛି।

ଏ ସମ୍ପର୍କରେ ଏଲ୍‌ଟିଏଫ୍‌ଏସ୍‌ର ଏମ୍‌ଡି ତଥା ସିଇଓ ଦୀନନାଥ ଦୁଭାଷୀ କହିଛନ୍ତି, ଆମେ ଗ୍ରାହକଙ୍କ ଆବଶ୍ୟକତା ଉପରେ ବର୍ଦ୍ଧିତ ଦୃଷ୍ଟି ନିବଦ୍ଧ କରିଥାଉ। ଏପରିକି ଉକ୍ତ ଶ୍ରେଣୀରେ ସର୍ବୋତ୍ତମ ଉତ୍ପାଦକୁ ନେଇ ଏବଂ ଗ୍ରାହକଙ୍କ ପାଇଁ ସେବା ଯୋଗାଣ ତଥା ଉନ୍ନତ ଟର୍ନ ଆରାଉଣ୍ଡ ଟାଇମ ନିମନ୍ତେ ଆମର ରିଟେଲ ପୋର୍ଟଫୋଲିଓକୁ ସମ୍ପ୍ରସାରିତ କରୁଛୁ। ଆମର ଗତ ତ୍ରୈମାସିକ ଆର୍ଥିକ ଫଳାଫଳରୁ ଏହା ସ୍ପଷ୍ଟ ଯେ ଆମେ ଆମର ଲକ୍ଷ୍ୟ ୨୦୨୬ ଦୂରଦୃଷ୍ଟି ହାସଲ ଦିଗରେ ଠିକ୍ ଦିଗରେ ଅଗ୍ରସର ହେଉଛୁ।

## ଫୁରସତ୍

# ବିଜ୍ଞାନରେ କୃତିତ୍ୱ

**ଅନ୍ତର୍ଜାତୀୟ ମହିଳା ଓ ବାଳିକା ବିଜ୍ଞାନ ଦିବସ**



**ଫେବୃୟାରୀ ୧୧,** 'ଅନ୍ତର୍ଜାତୀୟ ମହିଳା ଓ ବାଳିକା ବିଜ୍ଞାନ ଦିବସ' ସବୁଠି ପାଳିତ ହେଉଛି। ଦିନ ଥିଲା ମହିଳା ଓ ବାଳିକାମାନେ ଘରର ଚାରିକାନ୍ଥ ଭିତରେ ସୀମାବଦ୍ଧ ହୋଇ ରହୁଥିଲେ। ହେଲେ ପରିବର୍ତ୍ତିତ ସମୟ ଅନୁଯାୟୀ ଏମାନେ ପୁରୁଷଙ୍କ ସହ ସମତାଳ ଦେଇ ଆଗକୁ ଚାଲିଛନ୍ତି। ବିଭିନ୍ନ କ୍ଷେତ୍ରରେ ନିଜକୁ ଅନନ୍ୟ ବୋଲି ପ୍ରମାଣିତ କରୁଛନ୍ତି। ପୁଣି ବିଜ୍ଞାନ କ୍ଷେତ୍ରରେ ଏମାନଙ୍କର ଅବଦାନ ମଧ୍ୟ କିଛି କମ୍ ନୁହେଁ। ମହାକାଶରେ ପାଦ ଥାପି ନିଜ ପରାକାଷ୍ଠାକୁ ପ୍ରତିପାଦିତ କରିଛନ୍ତି। ତେବେ ବିଜ୍ଞାନ କ୍ଷେତ୍ରରେ ଆହୁରି ଦକ୍ଷତା ହାସଲ ଲାଗି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଆସୁଅଛି। ମିଳିତ ଜାତିସଂଘର ସାଧାରଣ ପରିଷଦ ୨୦୧୫ ଡିସେମ୍ବର ୨୨ରେ ଏ ନେଇ ଏକ ରିଜଲ୍ୟୁଶନ ପାସ୍ କରିଥିଲା। ୨୦୧୬ ମସିହାଠାରୁ ଏହି ଦିବସ ପାଳିତ ହୋଇଆସୁଛି। ଚଳିତ ବର୍ଷ ଉକ୍ତ ଦିବସର ସ୍ଲୋଗାନ ରହିଛି 'ଇନୋଭେଟିଭ୍, ଡେମନଷ୍ଟ୍ରେଟିଭ, ଏଲିଭେଟ୍, ଆଡଭାନ୍ସ, ସଷ୍ଟେନ୍'। ବିଶେଷଭାବରେ ମହିଳାମାନଙ୍କୁ ବିଜ୍ଞାନ କ୍ଷେତ୍ର ପ୍ରତି ଅଧିକ ଆକର୍ଷିତ କରାଇବାକୁ ଏହି ଦିବସରେ ଗୁରୁତ୍ୱ ଦିଆଯାଇଥାଏ। ତା'ସହ ସମାଜରେ ସେମାନେ ଯେପରି ଅବହେଳିତ ନ ହୋଇ ସବୁ ପ୍ରକାର ସୁବିଧା ସୁଯୋଗ ହାସଲ କରିପାରନ୍ତି ସେଥି ନେଇ ମଧ୍ୟ ସଚେତନ ରହିବା ଆବଶ୍ୟକ।

ବିଜ୍ଞାନ କ୍ଷେତ୍ରକୁ ମହିଳାମାନେ ଅଧିକ ଆକର୍ଷିତ ହେବା ଆଲୋକବର୍ତ୍ତିକା ସାଜିଥିଲେ ମେରି କ୍ୟୁରୀ। ପ୍ରଗାଢ଼ ନିଷ୍ଠା ଏବଂ ଅଧ୍ୟବସାୟ ବଳରେ ସେ ଦୁଇ ଥର ନୋବେଲ ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଥିଲେ। ପୋଲାଣ୍ଡରେ ଜନ୍ମିତା ଏବଂ ପରବର୍ତ୍ତୀ ସମୟରେ ଫ୍ରାନ୍ସରେ ନିଜ ଗବେଷଣା ଜୀବନ ବିତାଇଥିବା ମେରି ୧୯୦୩ରେ ପ୍ରଥମେ ପଦାର୍ଥ ବିଜ୍ଞାନ ଏବଂ ୧୯୧୧ରେ ପୁଣି ଥରେ ରସାୟନ ବିଜ୍ଞାନ କ୍ଷେତ୍ରରେ ନିଜର କୃତିତ୍ୱ ପ୍ରତିପାଦିତ କରି ଏହି ସମ୍ମାନଜନକ ପୁରସ୍କାର ପାଇଥିଲେ। ଏଭଳି ସମ୍ମାନ ହାସଲ କରିବାରେ ସେ ଥିଲେ ପ୍ରଥମ ମହିଳା। ମେରିଙ୍କ ବ୍ୟତୀତ ତାଙ୍କ ଝିଅ ଆଇରିନ୍ ମଧ୍ୟ ୧୯୩୫ରେ ରସାୟନ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପାଇଥିଲେ। ମେରିଙ୍କ ରେଡିଏସନ ଉଦ୍ଭାବନ ଏବେ କ୍ୟାନ୍‌ସର ଚିକିତ୍ସାରେ ବିଶେଷ ଭୂମିକା ଗ୍ରହଣ କରିଛି।

କେବଳ ମେରି କ୍ୟୁରୀ ନୁହନ୍ତି ଆହୁରି ଅନେକ ମହିଳା ବିଜ୍ଞାନ କ୍ଷେତ୍ରରେ ନୂଆ ନୂଆ ଉଦ୍ଭାବନ କରି ଚର୍ଚ୍ଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି-ରୋସାଲିନ୍ ଫ୍ରାଙ୍କଲିନ୍ (ଡିଏନ୍‌ଏ ଷ୍ଟ୍ରକଚର), ଡୋରୋଥି ହଡଗକିନ୍ (ଇନ୍‌ସୁଲିନ୍ ଷ୍ଟ୍ରକଚର), କାରୋଲିନ୍ ହରଶ୍ଚେଲ (ଧୂମକେତୁ ଆବିଷ୍କାର କରିବାରେ ପ୍ରଥମ ମହିଳା), ସିସିଲା ପେନି ଗୋପୋସ୍କିଚିନ୍ (ନକ୍ଷତ୍ରର କମ୍ପୋଜିଶନ), ଇନ୍‌ଗି ଲେହମନ (ପୃଥିବୀର ଅଭ୍ୟନ୍ତର ଭାଗର କମ୍ପୋଜିଶନ) ଏବଂ ମେରି ଆନିଙ୍ଗ (ଡାଏନୋସରର ପୂର୍ଣ୍ଣାଙ୍ଗ ଜୀବାଶ୍ମ) ଅନ୍ୟତମ।

### ନିଷ୍ଠା ମହିଳାଙ୍କୁ ଅଗ୍ରଗାମୀ କରାଇଛି



ମୁଁ ଯେତେବେଳେ ଓୟୁଏଟିରେ ପଢୁଥିଲି ସେତେବେଳେ ପୁଅ ପିଲାଙ୍କ ସଂଖ୍ୟା ଅଧିକ ଥିଲା। କିନ୍ତୁ ଏବେ ସମୟ ବଦଳି ଯାଇଛି। ବର୍ତ୍ତମାନ ଏଠାରେ ଯଦି ଏକ ଆକଳନ କରାଯାଏ ତେବେ ପାଖାପାଖି ୬୦ ପ୍ରତିଶତ ଝିଅ ପିଲା ପଢୁଛନ୍ତି। କେବଳ ଏତିକି ନୁହେଁ, ଏମାନଙ୍କ ମଧ୍ୟରୁ ପ୍ରାୟ ୭୦ ପ୍ରତିଶତ କୃଷି ଏବଂ ବିଜ୍ଞାନ କ୍ଷେତ୍ରରେ ଚାକିରି କରୁଛନ୍ତି। ପ୍ରକୃତପକ୍ଷେ ଏବେ ମହିଳାମାନଙ୍କର ନିଷ୍ଠା ଓ ଆଗ୍ରହ ସେମାନଙ୍କୁ ଅଗ୍ରଗାମୀ କରାଇଛି। ବିଭିନ୍ନ କ୍ଷେତ୍ରରେ ସେମାନେ ନିଜର ପାରଦର୍ଶିତା ପ୍ରଦର୍ଶିତ କରିଚାଲିଛନ୍ତି। ତେଣୁ ସେମାନେ ନିଜ ସ୍ୱପ୍ନକୁ ସାକାର ଲାଗି ମନୋବଳକୁ ଦୃଢ଼ କରିବା ଦରକାର। ବର୍ତ୍ତମାନ ବିଜ୍ଞାନ ବେଶ୍ ଉନ୍ନତି କରିଛି। ଅନେକ ମହିଳା ବୈଜ୍ଞାନିକ ଗବେଷଣା କ୍ଷେତ୍ରରେ ଉଦାହରଣ ସାଜିଲେଣି। ତେଣୁ ଅନ୍ତର୍ଜାତୀୟ ମହିଳା ଏବଂ ବାଳିକା ବିଜ୍ଞାନ ଦିବସର ତାତ୍ପର୍ଯ୍ୟ ବୁଝିପାରିଲେ ବିଜ୍ଞାନ କ୍ଷେତ୍ରରେ ଆହୁରି ଅଧିକ ସଂଖ୍ୟାରେ ସାମିଲ ହୋଇ ନିଜ ପରାକାଷ୍ଠା ପ୍ରତିପାଦିତ କରାଇପାରିବେ।

**-ଡ. ଅନୁପମା ବଳିୟାରସିଂ**
ପ୍ରଫେସର, ଆଗ୍ରୋନୋମି ବିଭାଗ,
କଲେଜ ଅଫ୍ ଏଗ୍ରିକଲଚର,
ଓୟୁଏଟି, ଭୁବନେଶ୍ୱର

# ସୋନୁ ସୁଦ୍‌ଙ୍କ ୪ର୍ଥ ମନ୍ଦିର



**ମୁମ୍ବାଇ:** ବଲିଉଡ୍ ଅଭିନେତା ସୋନୁ ସୁଦ୍ କରୋନା ସମୟରେ ସାହାଯ୍ୟ କରି ଲୋକଙ୍କ ପାଇଁ ହିରୋ ପାଲଟି ଯାଇଛନ୍ତି। ଫଳରେ ତାଙ୍କୁ ସମ୍ମାନିତ କରିବାକୁ ଲୋକେ ତାଙ୍କର ମନ୍ଦିର ନିର୍ମାଣ କରିଛନ୍ତି। ନିକଟରେ ସୋନୁଙ୍କ ୪ର୍ଥ ମନ୍ଦିର ତିଆରି ହୋଇଛି। ଆନ୍ଧ୍ର ପ୍ରଦେଶ ଏବଂ ତେଲଙ୍ଗାନା ସୀମାରେ ଏହି ମନ୍ଦିର ରହିଛି। ତାଙ୍କ ପ୍ରତି ଥିବା ଲୋକଙ୍କ ସମ୍ମାନ ଦେଖି ସୋନୁ ବହୁତ ଖୁସି ହୋଇଛନ୍ତି। ତିଆରି ହୋଇଥିବା ମନ୍ଦିରରେ ସୋନୁଙ୍କ ମୂର୍ତ୍ତି ରଖାଯାଇଛି। ତା' ପଛରେ ଏକ ବ୍ୟାନର ମରାଯାଇଛି। ସେଥିରେ ଲେଖା ହୋଇଛି, ସୋନୁ ସୁଦ୍ ଭାରତର ଅସଲି ହିରୋ। ଏହା ଦେଖି ସୋନୁ କହିଛନ୍ତି, 'ତାଙ୍କ ପ୍ରତି ଦର୍ଶକଙ୍କ ଏତେ ଭଲପାଇବା ପାଇଁ ସେ ଅତ୍ୟନ୍ତ ଋଣୀ। ହେଲେ ସେ ଏସବୁ ପାଇଁ ଯୋଗ୍ୟ ନୁହନ୍ତି ବୋଲି କହିଛନ୍ତି। ତାଙ୍କୁ ଏତେ ଭଲ ପାଇବା ମିଳିବ ବୋଲି ସେ କେବେ ଭାବି ନ ଥିଲେ। ଏଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେବେ ଏହା ପୂର୍ବରୁ ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ ଏବଂ ଚେନ୍ନାଇରେ ଗୋଟିଏ ଲେଖାଏ ମନ୍ଦିର ନିର୍ମାଣ କରାଯାଇଛି। ସୋନୁ ୧୯୯୯ରେ ତାମିଲ ଫିଲ୍ମ 'କାଲାଜହର'ରୁ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ସେ ତାଙ୍କ ଅଭିନୟରେ ଦର୍ଶକଙ୍କ ହୃଦୟ ଜିତି ପାରିଛନ୍ତି। ତେବେ ତାଙ୍କୁ ଆଗାମୀ ଫିଲ୍ମ 'ଫତେହେ'ରେ ଦେଖିବାକୁ ମିଳିବ।

## ଡୁଡୁଲରେ ପି.କେ. ରୋଜିଙ୍କୁ ସମ୍ମାନ




**ନୂଆଦିଲ୍ଲୀ:** ମାଲୟାଲମ୍ ଫିଲ୍ମର ପ୍ରଥମ ମହିଳା ତଥା ଦଳିତ ଅଭିନେତ୍ରୀ ପି.କେ. ରୋଜିଙ୍କ ୧୨୦ତମ ଜନ୍ମଦିନ ଅବସରରେ ଶୁକ୍ରବାର ଗୁଗୁଲ ପକ୍ଷରୁ ଏକ ଡୁଡୁଲ୍ ସମର୍ପିତ ହୋଇଛି। ରୋଜିଙ୍କ ଜନ୍ମ ୧୯୦୩ରେ କେରଳ ଥିରୁଭାନନ୍ତପୁରମ୍‌ର ଏକ ଦଳିତ ପରିବାରରେ ହୋଇଥିଲା। ପିଲାଦିନୁ ତାଙ୍କଠାରେ ଅଭିନୟ କରିବାର ନିଶା ଦେଖିବାକୁ ମିଳିଥିଲା। ହେଲେ ସେତେବେଳେ ତଥାକଥିତ ସମାଜ ସହଜେ ଅଭିନୟକୁ ଗ୍ରହଣ କରିପାରୁ ନ ଥିଲା। ଝିଅମାନଙ୍କୁ ଘରୁ ବାହାରିବାକୁ ଅନେକ ପ୍ରତିବନ୍ଧକର ସାମ୍ନା କରିବାକୁ ପଡୁଥିଲା। ୧୯୨୮ରେ ପ୍ରଥମ ଦଳିତ ଅଭିନେତ୍ରୀ ଭାବେ ମାଲୟାଲମ୍ ଚଳଚ୍ଚିତ୍ର 'ଭିଗାଥାକୁମାରନ'(ଦି ଲାଷ୍ଟ ଚାଇଲ୍ଡ)ରେ ରୋଜି ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ। ଏହା ଫଳରେ ତାଙ୍କୁ ଲୋକଙ୍କ ଆକ୍ରୋଶର ସାମ୍ନା କରିବାକୁ ପଡ଼ିଥିଲା। ଲୋକେ ଏଥିରେ ଉତ୍ୟକ୍ତ ହୋଇ ତାଙ୍କ ଘର ଜାଳି ଦେଇଥିଲେ। ଜୀବନ ବଞ୍ଚାଇବାକୁ ଯାଇ ବାଧହୋଇ ଏକ ଲରିରେ ବସି ତାଙ୍କୁ ରାଜ୍ୟ ଛାଡ଼ିବାକୁ ପଡ଼ିଥିଲା। ସେ ତାମିଲନାଡୁରେ ପହଞ୍ଚିବା ପରେ ସାହାଯ୍ୟ କରିଥିବା ଲରି ଚାଳକ କେଶବନ୍ ପିଲ୍ଲାଇଙ୍କୁ ବିବାହ କରି ସେଠାରେ ରହିଥିଲେ। ରୋଜିଙ୍କ ଏପରି ସଂଘର୍ଷମୟ କାହାଣୀ ପାଇଁ ତାଙ୍କୁ ଆଜି ମଧ୍ୟ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅନେକ ସମ୍ମାନ ମିଳୁଛି। ଏପରିକି ସାଉଥ୍‌ରେ ତାଙ୍କ ନାଁରେ ଏକ ଫିଲ୍ମ ସୋସାଇଟି ମଧ୍ୟ ରହିଛି। ତେବେ ସେ କରିଥିବା ଫିଲ୍ମ 'ଦି ଲାଷ୍ଟ ଚାଇଲ୍ଡ'କୁ କେହି ପ୍ରଶଂସା କରି ନ ଥିଲେ ମଧ୍ୟ ଆଜି ସେ ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ପାଲଟିଛନ୍ତି।

# ୬୧ ବର୍ଷ ହେଲା ଅନିଦ୍ରା



**ହାନୋଇ:** ଦିନ ସାରା ପରିଶ୍ରମ ପରେ ଲୋକେ ଶରୀରକୁ ବିଶ୍ରାମ ଦେବା ପାଇଁ ରାତି ସମୟରେ ଶୋଇଥାନ୍ତି। ଅନେକ ଲୋକ ରାତିରେ କାମ କଲେ ମଧ୍ୟ ତାଙ୍କୁ ଦିନ ସମୟରେ ବିଶ୍ରାମର ଆବଶ୍ୟକତା ପଡ଼ିଥାଏ। ହେଲେ ଏପରି ଜଣେ ବ୍ୟକ୍ତି ଅଛନ୍ତି ଯିଏ ୬୧ ବର୍ଷ ହେଲା ଶୋଇ ନ ଥିବା ୟୁଟ୍ୟୁବ୍‌ର ଏକ ଇଣ୍ଟରଭ୍ୟୁରେ କହିଛନ୍ତି। ଭିଏତ୍‌ନାମ୍‌ରେ ରହୁଥିବା ୮୦ ବର୍ଷୀୟ ଥାଇ ଏନ୍‌ଜୋଇକ୍‌ଙ୍କୁ ଏକ ରାତିରେ ଜ୍ୱର ଆସିଥିଲା। ତା'ପରଠାରୁ ତାଙ୍କୁ ନିଦ ଆସୁ ନ ଥିବା ସେ କହିଛନ୍ତି। ଏହା ଇନ୍‌ସୋମ୍‌ନିଆ ନାମକ ଏକ ରୋଗ, ଯେଉଁଥିରେ କି ବ୍ୟକ୍ତିଙ୍କ ନିଦ ଆସିବା ବନ୍ଦ ହୋଇଯାଏ। ଏହାଦ୍ୱାରା ଶରୀରରେ ଖରାପ ପ୍ରଭାବ ପଡ଼ିଥାଏ। ହେଲେ ଏଥିପାଇଁ ଏନ୍‌ଜୋଇକ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପ୍ରଭାବ ପଡ଼ି ନ ଥିବା ସେ କହିଛନ୍ତି। ସେ ଏହି ବୟସରେ କ୍ଷେତରେ କାମ କରିବା ସହ ସାଧାରଣ ଜୀବନ ବଞ୍ଚୁଥିବା କହିଛନ୍ତି।

